
ନବଗ୍ରହ ରୋଡ୍ ପୂଜା ମଣ୍ଡପ।


ମିନାବଜାରରେ ପଡ଼ିଥିବା ଦୋଳି।


ପଥରଆଡ଼ି ପୂଜା ମଣ୍ଡପ ତୋରଣ।

# ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ

ଭଦ୍ରକ,୪।୧୧(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ୫ମ ଦିନରେ ସୋମବାର ଜଗଦ୍ଧାତ୍ରୀ ବେଶରେ ପୂଜା ପାଇଛନ୍ତି। ଜଗତର ପ୍ରତ୍ୟେକ ଜୀବଠାରୁ ଆରମ୍ଭ କରି ବୃକ୍ଷଲତା ସଜୀବ, ନିର୍ଜୀବ ସବୁଠି ତାଙ୍କର ସତ୍ତା ଅନୁଭବ ହୁଏ। ସେ ଏ ବିଶାଳ ଜଗତକୁ ଧାରଣ କରିଛନ୍ତି। ତାଙ୍କ ଇଚ୍ଛା ବିନା ଗଛର ପତ୍ରଟିଏ ମଧ୍ୟ ହଲି ନ ଥାଏ। ଏହି ବେଶରେ ନାଲି ପାଟ ବସ୍ତ୍ର ପରିଧାନ କରିବା ସହ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଛନ୍ତି। ମା'ଙ୍କ ମୁଖମଣ୍ଡଳ କୃଷ୍ଣ ବର୍ଣ୍ଣ ଥିଲା। ବ୍ୟାଘ୍ର ବାହନରେ ମା' ବିରାଜମାନ କରି ଶଙ୍ଖ, ଚକ୍ର, ଗଦା ଓ ଖଡ୍‌ଗ ଧାରଣ କରିଛନ୍ତି। ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ ଦର୍ଶନ କଲେ ଶକ୍ତି ପ୍ରାପ୍ତ ହେବା ସହ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ କରାଯାଏ। ଶତ ଚଣ୍ଡୀପାଠ, ଗୀତା ପାଠ, ବେଦପାଠ, ନାମ ସଂକୀର୍ତ୍ତନ ଓ ଭଜନରେ ପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମଙ୍ଗଳବାର ମା' ମହାସରସ୍ୱତୀ ବେଶରେ ପୂଜା ପାଇବେ।


ମା' ଭଦ୍ରକାଳୀ ସୋମବାର ଜଗଦ୍ଧାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି।

## ସଂକ୍ଷେପରେ

### 'ନିଜେ ସଚେତନ ହେବା ଅନ୍ୟକୁ ସଚେତନ କରାଇବା'

ଭଦ୍ରକ,୪।୧୧(ସନାତନ ରାଉତ)

ଭାରତ ବିକାଶ ପରିଷଦର ଭଦ୍ରକ ଶାଖା ଆନୁକୂଲ୍ୟରେ ନେହେରୁ ଯୁବକେନ୍ଦ୍ର ଓ ମେରା ଯୁବା ଭାରତ ସଙ୍ଗଠନର ମିଳିତ ଉଦ୍ୟମରେ ନିଜେ ସଚେତନ ହେବା ଓ ଅନ୍ୟମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଚରମ୍ପାରେ କାଳୀପୂଜା ପାଇଁ ହଜାର ହଜାର ଲୋକଙ୍କ ଆଗମନ ହେଉଥିବାରୁ ଗଳାପୋଲ ନିକଟରେ ଟ୍ରାଫିକ ନିୟମ ମାନି ଗାଡ଼ି ଚଲାଇବା ସମୟରେ ହେଲ୍‌ମେଟ ପିନ୍ଧିବା, ମୋବାଇଲ ବ୍ୟବହାର ନ କରିବା, ନିଶାସକ୍ତ ହୋଇ ଗାଡ଼ି ନ ଚଲାଇବା, ଗୁଟ୍‌ଖା ସେବନ ନ କରିବା, ନିଜ ପରିବେଶକୁ ପରିଷ୍କାର ରଖିବା ଆଦି ବିଷୟରେ ଲୋକଙ୍କୁ ସଚେତନ କରାଯାଇଛି। ନିକଟସ୍ଥ ହସ୍ପିଟାଲରେ ରୋଗୀମାନଙ୍କୁ ଗ୍ଲୋବ୍ସ ଓ ବେଡ୍‌ଶିଟ୍ ବଣ୍ଟନ କରାଯାଇଥିଲା। ପରିଷଦର ସଚିବ ପ୍ରଦୀପ ପୁହାଣ, ସଞ୍ଜୟ ରାଉତ, ପୁରୁଷୋତ୍ତମ ମହାନ୍ତି, ଦିଲୀପ କୁମାର ସିଂହ, ବିଜୟ କୁମାର ରାଉତ, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ବିଘ୍ନେଶ ଏମ୍‌ଙ୍କ ସମେତ ୩ଟି ସଙ୍ଗଠନର ସଦସ୍ୟ ଏଥିରେ ସାମିଲ ଥିଲେ।

### 'ଦକ୍ଷ ସଙ୍ଗଠକ ଥିଲେ ଗୋବିନ୍ଦ'

ଧାମନଗର,୪।୧୧(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଥାନା ଅଧୀନ ପାଇମହୁରା ଗ୍ରାମର ଯୁବ ସାମାଜିକ କର୍ମୀ, ଭାଜପା ସଙ୍ଗଠକ ସ୍ୱର୍ଗତ ଗୋବିନ୍ଦ ରାଉତ ପରୋପକାରୀ ଓ ଜଣେ ଦକ୍ଷ ସଙ୍ଗଠକ ଥିଲେ ବୋଲି ତାଙ୍କ ଏକାଦଶାହ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କୁହାଯାଇଛି। ତାଙ୍କ ବାସଭବନରେ ସାମାଜିକ କର୍ମୀ ସଞ୍ଜୟ ପଣ୍ଡାଙ୍କ ସଞ୍ଚାଳନରେ ସଭା ହୋଇଥିଲା। ଭଣ୍ଡାରିପୋଖରୀ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ, ନିର୍ମଳ କର, ପୂର୍ଣ୍ଣଚନ୍ଦ୍ର ଖିଲାର, ଜଗବନ୍ଧୁ ଦାସ, ସୁବାଷ ପାତ୍ର, ଅକ୍ଷୟ ମହାନ୍ତି, ଗିରିଶ ସାମଲ, ମନୋରଞ୍ଜନ ସେନାପତି, ଅକ୍ଷୟ ସାହୁ, କଂଗ୍ରେସ ନେତା ସୀତାକାନ୍ତ ଜେନା, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଖବରଦାତା ସୁଶାନ୍ତ କୁମାର ରାଉତ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ପୂର୍ବତନ ସରପଞ୍ଚ ଭାସ୍କର ବେହେରା ଧନ୍ୟବାଦ ଦେଇଥିଲେ।

# ୫ମ ଦିନରେ କାଳୀପୂଜା

**ଭଦ୍ରକ,୪।୧୧(ସନାତନ ରାଉତ):** ଭଦ୍ରକ କାଳୀପୂଜା ବେଶ୍ ଜମୁଛି। ସୋମବାର ୫ମ ଦିନ ଥିବାବେଳେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ୧୬ ନଂ. ଜାତୀୟ ରାଜପଥରେ ଚରମ୍ପାଠାରୁ ଡାହାଣୀଗଡ଼ିଆ ଛକ ପର୍ଯ୍ୟନ୍ତ ଚାରିଚକିଆ ଯାନ ଧାଡ଼ି ଲାଗିଥିଲା। ମେଳା ସହ ୪ଟି ଅପେରା ପାର୍ଟି ଯାତ୍ରା ପରିବେଷଣ କରୁଥିବାରୁ ପୂଜା ମାହୋଲକୁ ଦ୍ୱିଗୁଣିତ କରିଛି। ଅଧିକାଂଶ ଲୋକ ସନ୍ଧ୍ୟାରେ ମେଳା ବୁଲି ସାରି ରାତିରେ ଅପେରା ଦେଖିବାର ସୁଯୋଗ ନେଉଛନ୍ତି। ରବିବାର ପ୍ରବଳ ଭିଡ଼ ହୋଇଥିବା ବେଳେ ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏ ଜାତୀୟ ରାଜପଥରେ ଉଭୟପାର୍ଶ୍ୱ ସର୍ଭିସ୍ ରୋଡ୍ ଚରମ୍ପାଠାରେ ଘଣ୍ଟା ଘଣ୍ଟା ଧରି ଜାମ୍ ରହିଥିଲା। ମେଳା ବୁଲିବାକୁ ଆସିଥିବା ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଏହି ଭିଡ଼ରେ ଫସି ରହିଥିଲେ। ପୋଲିସ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ପ୍ରାୟ ରାତି ୧୨ଟା ପରେ ଭିଡ଼ ହଟିଥିଲା।

### ଘରକରଣା ସାମଗ୍ରୀ ଦୋକାନରେ ଗହଳି

ମେଳାରେ କଂସା, ପିତ୍ତଳ, ଷ୍ଟିଲ ବାସନଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଘରକରଣା ଜିନିଷ ବିକ୍ରି ହେଉଛି। ସେହିପରି କାଠ ତିଆରି ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ହେଉଛି। ଏହି ଦୋକାନରେ ବେଶ୍ ଗହଳି ଲାଗୁଛି। ଲୋକେ କାଠ ସାମଗ୍ରୀ ସହ ବିଭିନ୍ନ ଘରକରଣା ଜିନିଷ କିଣିବାକୁ ପସନ୍ଦ କରୁଛନ୍ତି।

### ଦୋଳିର ମଜା ନେଉଛନ୍ତି ଯୁବତୀ ଯୁବକ

ଆର୍‌ସିବିଏଲ୍ ହାଇସ୍କୁଲ ପଡ଼ିଆ, ପଥରଆଡ଼ି କାଳୀପଡ଼ିଆ, ୧୬ନଂ. ଜାତୀୟ ରାଜପଥ ନିକଟସ୍ଥ ଓଆର୍‌ଟିସି ପଡ଼ିଆରେ କାଳୀପୂଜା ପାଇଁ ବିଭିନ୍ନ ପ୍ରକାର ଦୋଳି ଲାଗିଛି। ଦୋଳି ଲାଗିଥିବା ସ୍ଥାନରେ ଲୋକଙ୍କ ଭିଡ଼ ଜମୁଥିବା ଦେଖାଯାଇଛି। ପିଲାଠୁ ଆରମ୍ଭ କରି ଯୁବତୀ ଯୁବକ ମେଳା ବୁଲିବା ସହ ଦୋଳିର ମଜା ନେଉଛନ୍ତି।

## ଟାୱାରରୁ ବ୍ୟାଟେରି ଚୋରି

ଭଣ୍ଡାରିପୋଖରୀ,୪।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ୧୬ନଂ. ଜାତୀୟ ରାଜପଥର ଛତାବର ଭାରତୀ ଏୟାରଟେଲ ଟାୱାରରୁ ବ୍ୟାଟେରି ଚୋରି ନେଇ ଅଭିଯୋଗ ହୋଇଛି। କମ୍ପାନୀର ବୈଷୟିକ କର୍ମଚାରୀ ପୀତାମ୍ବର ସେଠୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଗତ ୩୧ ତାରିଖ ସକାଳ ୮ଟା ୩୦ ବେଳେ ଟାୱାରର ଆଲାର୍ମ ବାଜିଥିଲା। ପୀତାମ୍ବର ସେଠାକୁ ଯାଇ ୨ ଲକ୍ଷ ୩୯ ହଜାର ୩୬୯ଟଙ୍କା ମୂଲ୍ୟର ୧୨ ଭୋଲ୍ଟ ବିଶିଷ୍ଟ ୨୪ଟି ବ୍ୟାଟେରି ବ୍ୟାଟେରି ବ୍ୟାଙ୍କରୁ ଚୋରି ହୋଇଥିବା ଦେଖିଥିଲେ। ଏ ସମ୍ପର୍କରେ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ରବିବାର ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି। ଏହି ଚୋରିରେ ଅନ୍ୟ ଏକ ଟେଲିକମ୍ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି।

## ଦୁର୍ନୀତି ନିବାରଣ ସଚେତନତା

ତିହିଡ଼ି,୪।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତ ଅଧୀନ ନୀଳକଣ୍ଠପୁର ପ୍ରାଥମିକ ସ୍କୁଲ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବାବା ନୀଳକଣ୍ଠେଶ୍ୱର ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ସଭାରେ ସମ୍ପାଦକ ଦିଲୀପ କୁମାର ରାଉତ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଘଣ୍ଟେଶ୍ୱର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ପାଣିଗ୍ରାହୀ ଦୁର୍ନୀତି ନିବାରଣ ହେଲେ ବିକାଶ ସମ୍ଭବ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ପୀରହାଟ ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ, ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ଅଜୟ ରାଉତ ଓ ଶିକ୍ଷାବିତ୍ ରଞ୍ଜନ କୁମାର ରାଉତ ଯୋଗ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରୀୟ ସଙ୍ଗଠନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଦିଲୀପ ରାଉତ, ସୁନୀଲ ରାଉତ, ବିଶ୍ୱଜିତ ରାଉତ, ଉମାକାନ୍ତ ରାଉଳ, ସ୍ୱାଧୀନ ଜେନା ସହଯୋଗ କରିଥିଲେ।

# ଅଙ୍ଗନୱାଡିରେ ଦିଆଯାଉନି ରନ୍ଧାଖାଦ୍ୟ


ଚାନ୍ଦବାଲି ଥାନା ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ଅଭିଭାବକମାନେ।

### ଥାନାରେ ଏତଲା ଦେଲେ ଅଭିଭାବକ

ଚାନ୍ଦବାଲି,୪।୧୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର କାଣ୍ଡଗରଡ଼ି ପଞ୍ଚାୟତ ତାଳ ଆଡ଼ିଆ ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ନେଇ ଅଭିଭାବକ ଓ ଗ୍ରାମବାସୀ ଚାନ୍ଦବାଲି ଥାନାରେ ଏତଲା ଦେଇଛନ୍ତି। ଏହି କେନ୍ଦ୍ରକୁ ଆସୁଥିବା କୁନି କୁନି ପିଲାଙ୍କୁ ରନ୍ଧାଖାଦ୍ୟ ଦିଆଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ୮ ମାସ ଧରି ଅଙ୍ଗନୱାଡି କର୍ମୀଙ୍କ ଅବହେଳା ଯୋଗୁ ପିଲାମାନଙ୍କୁ ରନ୍ଧାଖାଦ୍ୟ ମିଳୁନାହିଁ। ଏନେଇ ମହିଳା ଏବଂ ଶିଶୁ ବିକାଶ ସମନ୍ୱିତ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। କେନ୍ଦ୍ରକୁ ମନଇଚ୍ଛାରେ କର୍ମୀ ଆସୁଥିବା ବେଳେ ପିଲାମାନଙ୍କ ପାଇଁ ଆସୁଥିବା ସୁବିଧା ସୁଯୋଗ ଠିକ୍ ଉପଯୋଗ ହେଉ ନ ଥିବାରୁ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିପିଓ–୨ ଅହଲ୍ୟା ରାଣୀ ଦୀପ୍ କହିଛନ୍ତି, ଏହି ଘଟଣାରେ ସତ୍ୟତା ନାହିଁ। ଗ୍ରାମବାସୀ ମିଥ୍ୟା ଅଭିଯୋଗ କରୁଛନ୍ତି। ପିଲାଙ୍କୁ ଠିକ୍ ଭାବେ ଖାଇବାକୁ ଦିଆଯାଉଛି। ଜିଲାପାଳଙ୍କୁ ଘଟଣା ଜଣାଇବା ସହ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି।

## ମିଳିତ ଜନଶୁଣାଣି ଶିବିରରେ ୧୩୨ ଅଭିଯୋଗ

### ମହିଳା ମହାସଂଘରେ ଦୁର୍ନୀତି ନେଇ କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ,୪।୧୧ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଯୋଗଦେଇ ମୋଟ ୧୩୨ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୧୧୭ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଅଭିଯୋଗ ଥିଲା। ବନ୍ତ ବ୍ଲକ ପଧାନପଡ଼ା ମହିଳା ମହାସଂଘରେ ଆର୍ଥିକ ହେର୍‌ଫେର୍ ନେଇ ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଏମ୍‌ବିକେ, ସଭାନେତ୍ରୀ ଓ ସମ୍ପାଦିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଅର୍ଥ ଆଦାୟ ପାଇଁ କେତେଜଣ ସିଆର୍‌ପି ଦାବି କରିଥିଲେ। ସେହିପରି ରାସ୍ତା ମରାମତି, ଜଳ ନିଷ୍କାସନ ପାଇଁ କଲଭର୍ଟ ନିର୍ମାଣ, ରାସ୍ତା ଓ ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଆବାସ, ରାଶନ କାର୍ଡ, ସ୍ୱୟଂସହାୟକ ଗୋଷ୍ଠୀର ସଭାପତି, ସମ୍ପାଦିକା ବଦଳାଇବା, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ନ ମିଳିବା, ଶିକ୍ଷକ ବଦଳି ଆଦି ସମ୍ପର୍କିତ ମୁଖ୍ୟ ଅଭିଯୋଗ ରହିଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇ ୩ ଆବେଦନକାରୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୩ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ନୂତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ବଳ ଶିବିରରେ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ସୁନୀଲଙ୍କୁ ସାବରଙ୍ଗ ନାଗରିକ ସମ୍ବର୍ଦ୍ଧନା



ଓସିଏସ୍ ପରୀକ୍ଷାରେ କୃତୀ ସୁନୀଲ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

### ଓସିଏସ୍ ପରୀକ୍ଷାରେ ସଫଳ

ଭଦ୍ରକ, ୪।୧୧ (ରବିନାରାୟଣ ଖିଲାର)

ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳ ସୁନୀଲ ସାମନ୍ତଙ୍କୁ ସାବରଙ୍ଗ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସାବରଙ୍ଗସ୍ଥିତ କଲ୍ୟାଣ ମଣ୍ଡପଠାରେ ସାବରଙ୍ଗ ନାଗରିକ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା।

ବରିଷ୍ଠ ନାଗରିକ ତଥା ପ୍ରାକ୍ତନ ସରପଞ୍ଚ ବିଭୂତି ଭୂଷଣ ସାମନ୍ତଙ୍କ ସଭାପତିତ୍ୱ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଦଲ କିଶୋର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବାବାଜୀ ସାମଲ ଯୋଗ ଦେଇଥିଲେ। ସୁନୀଲ ତାଙ୍କ ଚେଷ୍ଟା, ଉଦ୍ୟମ ଓ ପରିଶ୍ରମ ଫଳରେ କୃତକାର୍ଯ୍ୟ ହୋଇ ସାବରଙ୍ଗ ମାଟିକୁ ଗୌରାବାନ୍ୱିତ କରିଥିବା ମୁଖ୍ୟବକ୍ତା କହିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉପସ୍ଥିତ ବୟୋଜ୍ୟେଷ୍ଠ ବ୍ୟକ୍ତି, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଆଶୀର୍ବାଦ କରି ସୁନୀଲ ଓଡ଼ିଶା ପ୍ରଶାସନିକ ଅଧିକାରୀରେ ସୀମିତ ନ ରହି ଭାରତୀୟ ପ୍ରଶାସନିକ ଅଧିକାରୀ ଭାବେ କୃତକାର୍ଯ୍ୟ ହୁଅନ୍ତୁ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ସଫଳତା ପଛରେ ମା' ବାପା, ଭଉଣୀ, ଦାଦା, ଖୁଡ଼ିଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଓ ଗୁରୁମାନଙ୍କ ପ୍ରେରଣା ରହିଛି ବୋଲି ସୁନୀଲ କହିଥିଲେ। ପୂର୍ବତନ ସରପଞ୍ଚ ରଞ୍ଜିତା ନାୟକ ମହାପାତ୍ର ଓ ଯୁବନେତା ଟିକୁ ମହାପାତ୍ର ସୁନୀଲଙ୍କୁ ମାନପତ୍ର ସହ ଉତ୍ତରୀୟ ଦେବା ପରେ ମୁଖ୍ୟଅତିଥି ନାଗରିକ ସମ୍ବର୍ଦ୍ଧନା ଦେଇଥିଲେ। ସମିତିସଭ୍ୟା ସୁକାନ୍ତି ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ସମିତିସଭ୍ୟ ଦୀନବନ୍ଧୁ ବାରିକ, ନରେଶ ଚନ୍ଦ୍ର ପୁହାଣ, ଜିତେନ୍ଦ୍ର ସେଠୀଙ୍କ ସହ ପୂର୍ବତନ ସରପଞ୍ଚ ଓ ଶିକ୍ଷାବିତ୍ ଯୋଗ ଦେଇଥିଲେ।

# ମନ୍ତ୍ରୀ, ଏମ୍‌ପିଙ୍କ ଦ୍ୱାରା ଭିତ୍ତିପ୍ରସ୍ତର

ଧାମନଗର,୪।୧୧(ଦେବେନ୍ଦ୍ର ଆନ୍ଦିଆ)

ଜଳ ସମ୍ପଦ ବିଭାଗ ପକ୍ଷରୁ ଧାମନଗର ବ୍ଲକ ଦୋବଲ ଜୋନ୍‌ର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତଠାରେ ୨ ନଦୀବନ୍ଧ ରାସ୍ତା ଓ ପଥରପ୍ୟାକିଂ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବିତ ଗେଙ୍ଗୁଟି ଦକ୍ଷିଣପାର୍ଶ୍ୱ ନଦୀବନ୍ଧର ଉନ୍ନତୀକରଣ ଓ ଗମନାଗମନ ପାଇଁ ଦେହୁଡ଼ି ଆନନ୍ଦପୁର ହରିହର ମହାଦେବ ମନ୍ଦିରଠାରୁ ୧୦ ବି ବନ୍ଧର ପାହାଡପୁର ମାଝୀସାହି ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା ଲାଗି ୧ କୋଟି, ଦେହୁଡ଼ି ଆନନ୍ଦପୁର ଓ ଉଡେଇପୁରଠାରେ ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧର ସୁରକ୍ଷା ଓ ସୁଦୃଢ଼ୀକରଣ ନିମନ୍ତେ ଉତ୍ତରବାହିନୀ ଘାଟଠାରୁ ପଥର ପ୍ୟାକିଂ ପାଇଁ ୨.୫ କୋଟି, ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧର ଉନ୍ନତୀକରଣ ଓ ଗମନାଗମନ ସୁବିଧା ନିମନ୍ତେ ଷେଣ୍ଢପୁରଠାରୁ ମିଶ୍ରପୁର ପର୍ଯ୍ୟନ୍ତ ପିଚୁ ରାସ୍ତା ୨ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବ। ପ୍ରକଳ୍ପ ପାଇଁ ଠିକା ନେଇଥିବା ସଂସ୍ଥା ୧୫ ଦିନ ଭିତରେ କାମ ଆରମ୍ଭ କରିବ ବୋଲି ଜଣାଯାଇଛି। ପ୍ରାରମ୍ଭରେ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତଠାରେ ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ ମନ୍ତ୍ରୀ ଏବଂ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ବିଡିଓ ବନବିହାରୀ ଦିଣ୍ଡା, ତହସିଲଦାର ଦୀପକ କୁମାର ଦାସ, ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ, ଧାମନଗର ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ସହକାରୀ ଯନ୍ତ୍ରୀ କିଶୋର କୁମାର ଦାସ, କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ, ଉମାକାନ୍ତ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଭାଜପା ନେତା ଅରବିନ୍ଦ ପତି, ଅଶୋକ କୁମାର ପୁହାଣ, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ, କୌଶଳ ଚନ୍ଦ୍ର ମହାପାତ୍ର, ସମିତି ସଦସ୍ୟ ବିଦ୍ୟାଧର ରାଉତ, ପ୍ରମୋଦ ଆନ୍ଦିଆ, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ ଅନ୍ୟମାନେ।

# ପୋଖରୀ ଖୋଳାରେ ୮ ଲକ୍ଷ ଠକ୍କୁ

### କାର୍ଯ୍ୟାନୁଷ୍ଠାନ ନ ହେଲେ ୧୨ରେ ଗଣଧାରଣା ଚେତାବନୀ

ତିହିଡ଼ି,୪।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକର କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗ୍ରାମରେ ଏକ ପୋଖରୀ ଖୋଳାରେ ୮ ଲକ୍ଷ ଟଙ୍କା ଚଞ୍ଚକତା କରି ଆତ୍ମସାତ୍ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଅଧିବାସୀମାନେ ଏନେଇ ସୋମବାର କାଁପଡ଼ାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସେମାନେ ଆସନ୍ତା ୧୨ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଗଣଧାରଣା ଦେବା ସହ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି। ଗ୍ରାମରେ ଖୋଳାଯାଇଥିବା ଏକ ପୋଖରୀ ବାବଦରେ ଚଞ୍ଚକତା କରି ସେମାନେ ୮ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରାଇ ନେଇଛନ୍ତି। ଏଥିସହ ସରକାରଙ୍କ ବିଭିନ୍ନ ଯୋଜନାରେ ଏହି ଗ୍ରାମରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ମଧ୍ୟ ଜାଲିଆତି କରାଯାଇଛି। ଫଳକ ଲଗା ନ ଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଅଧ୍ୟକ୍ଷା ହେବା ପରଠାରୁ ସେମାନଙ୍କ ଏବଂ ପରିବାର ସଦସ୍ୟଙ୍କ ନାଁରେ ଦାମୀ ଗାଡ଼ି ଓ ବିଭିନ୍ନ ପ୍ଲଟ୍ ଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଗ୍ରାମର ଶୁକଦେବ ମଳିକ, ବାସୁଦେବ ଦାସ, ଲମ୍ବୋଦର ଦାସ, ମେଘନାଦ ଦାସ, କାଶୀନାଥ ଦାସ, ସନାତନ ଦାସ, ବିଭୀଷଣ ଦାସ, ଅଭୟ ଦାସ, କୁଳମଣି ଦାସ, ଦେବେନ୍ଦ୍ର ଦାସ, କରୁଣାକର ଦାସ, ମଙ୍ଗୁଳି ଦାସ, ସନ୍ତୋଷ ଦାସଙ୍କ ସମେତ ଶତାଧିକ ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମାନେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିବା କହିଛନ୍ତି। ଏନେଇ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ କହିଛନ୍ତି, ଗ୍ରାମରେ ନିୟମାନୁଯାୟୀ ଶ୍ରମିକଙ୍କ ମାଧ୍ୟମରେ ପୋଖରୀ ଖୋଳାଯାଇଛି। ଜବ୍‌କାର୍ଡଧାରୀଙ୍କୁ ମଜୁରୀ ପ୍ରଦାନ କରାଯାଇଛି। କେତେଜଣ ବ୍ୟକ୍ତି ରାଜନୈତିକ ଶତ୍ରୁତାରୁ ତାଙ୍କ ନାଁରେ ମିଥ୍ୟା ଅଭିଯୋଗ କରିବା ଆଦୌ ସମିଚୀନ ନୁହେଁ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ତଳକାଁପଡ଼ା ଗ୍ରାମବାସୀ।

## ଭାଜପା ପକ୍ଷରୁ ବିଡିଓଙ୍କୁ ସମ୍ବର୍ଦ୍ଧନା

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ନୂତନ ବିଡିଓ ମାନସ ଦଣ୍ଡପାଟଙ୍କୁ ସୋମବାର ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭାଜପା ନେତା କମଳାକାନ୍ତ ଦାଶ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇ, ରମେଶଚନ୍ଦ୍ର ମହାନ୍ତ, ସୋମବାରି ମୁଣ୍ଡା, ଶଶିଭୂଷଣ ମହାନ୍ତ, ମିତ୍ରଭାନୁ ମହାନ୍ତ, ମୋହନ ମହାନ୍ତ, ପ୍ରୀୟରଞ୍ଜନ ସିଂ, ସଞ୍ଜୟ ପଲେଇ, ଡମ୍ବରୁ ମହାନ୍ତ, ସୁବ୍ରତ ଦ୍ୱିବେଦୀ, ହରିଶ ମହାନ୍ତ, ବୁଲୁ ଲେଙ୍କା, ନିରଞ୍ଜନ ମହାନ୍ତ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

**କେନ୍ଦୁଝର**

**ସଂକ୍ଷେପରେ**

## ଜନ୍ମ ପ୍ରମାଣପତ୍ର ପାଇଁ କ୍ରୀଡ଼ାବିତ୍‌ଙ୍କ ଗୁହାରି



କେନ୍ଦୁଝର,୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହର ବଣିଆପାଟ ଗ୍ରାମର ଜଣେ ଆଦିବାସୀ ଛାତ୍ରୀ ଜନ୍ମଗତ ପ୍ରମାଣପତ୍ର ପାଇ ନ ଥିବାରୁ ରାଜ୍ୟସ୍ତରୀୟ କ୍ରୀଡ଼ାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଉକ୍ତ ଛାତ୍ରୀଙ୍କ ନାମ ଅଞ୍ଜଳି ମାଝୀ ଏବଂ ବଡହଲ ଗ୍ରାମର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ଆଧାର କାର୍ଡ ପାଇଥିଲେ ହେଁ ଜନ୍ମଗତ ପ୍ରମାଣ ପତ୍ର ପାଇ ନ ଥିବା କହିଛନ୍ତି। ଏବେ କେନ୍ଦୁଝରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ଉକ୍ତ ରାଜ୍ୟସ୍ତରୀୟ ଆଥଲେଟିକ ମିଟ୍ ପାଇଁ ଜନ୍ମଗତ ପ୍ରମାଣପତ୍ରର ଆବଶ୍ୟକତା ଥିବାରୁ ସେ ଏ ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଜିଲାପାଳ ବିଶାଳ ସିଂହ ଅଭିଯୋଗ ଗ୍ରହଣ କରି ଏ ନେଇ ପଦକ୍ଷେପ ନେବାକୁ ଉପ ଜିଲାପାଳ କେନ୍ଦୁଝରଙ୍କୁ କହିଛନ୍ତି। ଅଞ୍ଜଳିଙ୍କ ବାପା ସୋମନାଥ ମାଝୀ ପୂର୍ବରୁ ବାରମ୍ବାର ପୌରପାଳିକାକୁ ଯାଇଥିଲେ ହେଁ ଅଦ୍ୟାବଧି ଜନ୍ମଗତ ପ୍ରମାଣପତ୍ର ପାଇନାହାନ୍ତି। ତୁରନ୍ତ ଜନ୍ମଗତ ପ୍ରମାଣପତ୍ର ଦେବାକୁ ପରିବାର ଲୋକ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ପ୍ରବଚନ, ହରିନାମ ଭଜନ

ଚମ୍ପୁଆ,୪।୧୧(ମହେଶ୍ୱର ଦାସ): ବିଶ୍ୱର ପଞ୍ଚମ ମୂଳ ଜଗଦଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କ ଶିଷ୍ୟା ରାଶେଶ୍ୱରୀ ଦେବୀଙ୍କ ପ୍ରବଚନ କାର୍ଯ୍ୟକ୍ରମ ଚମ୍ପୁଆ ଧରଣୀଧର ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଉମାକାନ୍ତ ସାହୁ, ଅବସରପ୍ରାପ୍ତ ପ୍ରଧାପକ ଗିରିଜାଶଙ୍କର କର ପ୍ରମୁଖ ଯୋଗଦେଇଥିଲେ। ରାଶେଶ୍ୱରୀ ଦେବୀଜୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ପ୍ରବଚନ ପ୍ରାରମ୍ଭରେ ହରିନାମ ଭଜନ କରାଯାଇଥିଲା। ସନାତନ ଓ ବୈଦିକ ଧର୍ମ ଉପରେ ସରଳ ଭାଷାରେ ଆଲୋକପାତ କରିଥିଲେ। ବେଦ, ପୁରାଣ, ଶୃତି ପରମ୍ପରା ଉପରେ ବାଖ୍ୟାକରି ଜୀବାତ୍ମାମାନଙ୍କୁ ଜୀବନକାଳରେ ଉପଯୋଗ କରିବାକୁ ଉପଦେଶ ପ୍ରଦାନ କରିଥିଲେ। ଶେଷରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିରେ ଆରତିପ୍ରଦାନ କରି ପ୍ରବଚନ ଶେଷ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ହରପିସ୍ ନିରାକରଣ ବ୍ୟବସ୍ଥା ହେଉନି, ବନ୍ୟପ୍ରାଣୀଙ୍କୁ ବିପଦ

**ହସ୍ତୀ ଅଭୟାରଣ୍ୟରେ ହାତୀ ମୃତ୍ୟୁ ଘଟଣା**

**ହରପିସ୍ ଭାଇରସ ସଂକ୍ରମିତ ଥିଲା**

ହାଟଡ଼ିହୀ,୪।୧୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ହସ୍ତୀ ଅଭୟାରଣ୍ୟର ଚକ୍ରତୀର୍ଥଠାରେ ସେପ୍ଟେମ୍ବର ୨୮ରେ ଏକ କୈଶୋର ମାଈ ହାତୀର ମୃତଦେହକୁ ବନ ବିଭାଗ ଠାବ କରିଥିଲା। ହାତୀର ବୟସ ପ୍ରାୟ ୫ ବର୍ଷ ହେବ। ଉକ୍ତ ହାତୀଟି ହରପିସ୍ ଭାଇରସ ଦ୍ୱାରା ସଂକ୍ରମଣ ହୋଇଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ମାତ୍ର ସଂକ୍ରମଣ ସମ୍ପର୍କରେ ଜଣାପଡ଼ିବା ପରେ ବି ବନ ବିଭାଗ ପକ୍ଷରୁ କୌଣସି ନିରାକରଣ ବ୍ୟବସ୍ଥା କରାଯାଉନାହିଁ। ଫଳରେ ଜଙ୍ଗଲରେ ଅନ୍ୟ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି।

ପ୍ରକାଶ ଯେ, ବନ ବିଭାଗ କର୍ମଚାରୀମାନେ ହାତୀ ମୃତଦେହ ଜବତ କରି ଅନୁଧ୍ୟାନ କରିବା ସହ ଡାକ୍ତରୀ ଟିମ୍ ଦ୍ୱାରା ବ୍ୟବଚ୍ଛେଦ କରାଇଥିଲେ। କିନ୍ତୁ ହାତୀର ମୃତ୍ୟୁ କିପରି ଘଟିଥିଲା ତାହାର କାରଣ ଅସ୍ପଷ୍ଟ ରହିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହରପିସ ଭାଇରସ ସଂକ୍ରମଣ ଯୋଗୁ ମାଈ ହାତୀର ମୃତ୍ୟୁ ଘଟିଥିବା ଆନନ୍ଦପୁର ଡିଏଫ୍‌ଓ ଅଭୟ ଦଳେଇ ସ୍ପଷ୍ଟ କହିଛନ୍ତି। ତେବେ ଏହି ଭାଇରସର ଲକ୍ଷଣ, ସଂକ୍ରମଣର କାରଣ ଏବଂ ନିରାକରଣ ସମ୍ପର୍କରେ ଡିଏଫ୍‌ଓ ଦଳେଇ ଜାଣି ନ ଥିବା ଏବଂ ଡାକ୍ତର ହିଁ ଏ ବାବଦରେ ଠିକ୍ ସୂଚନା ଦେଇପାରିବେ ବୋଲି କହିଛନ୍ତି। ଡିଏଫ୍‌ଓଙ୍କ କହିବା ଅନୁଯାୟୀ, ଜଙ୍ଗଲରେ ଉକ୍ତ ଭାଇରସ୍ ନ ବ୍ୟାପିବା ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସ୍ପଷ୍ଟ ହୋଇଛି। ତେଣୁ ଅନ୍ୟ ହାତୀ ଉକ୍ତ ଭାଇରସରେ ସଂକ୍ରମିତ ଅଛନ୍ତି କି ନାହିଁ ତାହା ଏକ ପ୍ରଶ୍ନ ସାଜିଛି। ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଆଖିଆଗରେ ରଖି ଉକ୍ତ ଭାଇରସ ସଂକ୍ରମଣକୁ ପ୍ରତିହତ ପାଇଁ ବନ ବିଭାଗ କ'ଣ ପଦକ୍ଷେପ ଗ୍ରହଣ କରିଛି ତାହା ମଧ୍ୟ ଅସ୍ପଷ୍ଟ ରହିଛି। ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ତଥା ଆଇନଜୀବୀ ଭଗବାନ ମଲିକ ଏବଂ ସୋସୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ କହିଛନ୍ତି, ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ଉକ୍ତ ଭାଇରସର ସୃଷ୍ଟି ଏବଂ ନିରାକରଣ ଦିଗରେ ସରକାର ଏବଂ ବନ ବିଭାଗ ଅନୁଧ୍ୟାନ ସହ ସତର୍କତାମୂଳକ ପଦକ୍ଷେପ ନେବା ଜରୁରୀ ଅଟେ। ନଚେତ ଏହି ଭାଇରସ୍ ଆଗକୁ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶା କରାଯାଉଛି। ଅପରପକ୍ଷେ ୨୦୨୪ ହାତୀଗଣନା ଅନୁସାରେ, ଅଭୟାରଣ୍ୟରେ ମୋଟ ୨୪ଟି ହାତୀ ଥିଲେ। ସେଥିମଧ୍ୟରୁ ୩ ହାତୀ ମୃତ୍ୟୁବରଣ କରିଛନ୍ତି। ହାତୀ ସଂଖ୍ୟା ଧୀରେ ଧୀରେ କମୁଥିବାରୁ ଏହା ଏବେ ଉଦ୍‌ବେଗର ବିଷୟ ସାଜିଛି।

# ଦିନରେ ଉତ୍ତୋଳନ, ରାତିରେ ଚାଲାଣ



**ଆନନ୍ଦପୁର ତହସିଲରେ ଥମୁନି ବାଲି ଚୋରାଚାଲାଣ**

ରାମଚନ୍ଦ୍ରପୁର,୪।୧୧(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ତହସିଲ ଅନ୍ତର୍ଗତ କୁସେଇ ନଦୀର ବିଭିନ୍ନ ବାଲିଘାଟରୁ ବେଆଇନ ଭାବରେ ବାଲି ଚୋରାଚାଲାଣ ହେଉଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଆନନ୍ଦପୁର ବ୍ଲକ୍ କୁସେଇ ନଦୀର କୌଣସି ବାଲି ଘାଟକୁ ନିଲାମ ଦିଆଯାଇନାହିଁ। ମାତ୍ର ବାଲି ମାଫିଆ ଦିନରେ ଖୁଲମଖୋଲା ବାଲି ଉଠାଉଥିବା ଦେଖିବାକୁ ମିଳିଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ।

ଆନନ୍ଦପୁର ତହସିଲ ଅନ୍ତର୍ଗତ ବେଲବାହାଳି ନଦୀ ଘାଟରୁ ଚୋରା ବାଲିଚାଲାଣ ହେବା ସହ ୩୩ କେବି ବିଦ୍ୟୁତ୍ ଖୁଣ୍ଟ ପାଖରୁ ବାଲି ଖୋଳି ନେଉଛନ୍ତି। ସେହିପରି ଟୋଲଙ୍କପଡ଼ା, ମଙ୍ଗଳପୁର, ଜଳସୁଆଁ ଗ୍ରାମର କୁସେଇ ନଦୀରୁ ପ୍ରାୟ ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ଦିନରାତି ବାଲି ଚୋରାଚାଲାଣ ଚାଲିଛି। ଅନ୍ୟପଟେ ବେଲବାହାଳି ମୌଜାରେ ଦିନରେ ବାଲି ଉଠାଯାଇ ବିଭିନ୍ନ ସରକାରୀ ଜମିରେ ଗଦା କରାଯାଉଛି। ବାଲିକୁ ରାତିରେ ମେସିନ ଯୋଗେ ହାଇୱାରେ ବୋଝେଇ କରାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଲୋକେ ଗାଧୋଉଥିବା ନଦୀ ଘାଟରୁ ବାଲି ଉତ୍ତୋଳନ ହେଉଥିବାରୁ ଗାଧୁଆ ଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି, ଆମକୁ ବାଲି ଗାଡ଼ି ଧରିବା ପାଇଁ କୌଣସି ଅନୁମତି ଦିଆଯାଇନାହିଁ। ଯଦି ଏସ୍‌ପି ନିର୍ଦ୍ଦେଶ ଦେବେ ଚଢ଼ାଉ କରାଯିବ। ଖଣି ବିଭାଗର ଅଧିକାରୀ ତାରିଣୀ କୁମାର ସିଂ କହିଛନ୍ତି, ବାଲି ଗାଡ଼ି ଧରିବା ତହସିଲ ଅଧୀନରେ ନାହିଁ। ପୋଲିସ ଅଧୀନରେ ଅଛି ସେ ଧରି ପାରିବେ। ଏ ନେଇ ସେ ଏସ୍‌ପିଙ୍କ ସହ କଥା ହେବେ। ମାଫିଆଙ୍କୁ ଧରାଯିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୨୨୭ ଅଭିଯୋଗ ଆଗତ, ୬୭ ଫଇସଲା

କେନ୍ଦୁଝର,୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳ ବିଶାଲ ସିଂହଙ୍କ ନେତୃତ୍ୱରେ ସଦର ମହକୁମାସ୍ଥ ଦରବାର ହଲାଠାରେ ସୋମବାର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ମୋଟ ୨୨୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୪ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୨୦୩ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥି ମଧ୍ୟରୁ ୬୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲା ରେଡ଼କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୧୧ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡ଼ି, ଅତିରିକ୍ତ ଜିଲାପାଳ ଆଲୋକ ରଞ୍ଜନ ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର ପ୍ରୁଷ୍ଟି, କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳାଇ, ସଦର ବିଡିଓ ବିନୋଦ ପଣ୍ଡା, କେନ୍ଦୁଝର ତହସିଲଦାର ଶୁଭେନ୍ଦୁ ସାହୁ ଏବଂ ସହକାରୀ ଜିଲାପାଳ ସନ୍ତୋଷ ଜେନାଙ୍କ ସମେତ ଜିଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ।

# ଜାତୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

କେନ୍ଦୁଝର,୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ଜାତୀୟ ହସ୍ତତନ୍ତ ମେଳା ସୋମବାରଠାରୁ ଆରମ୍ଭ ହୋଇଛି। କାଳୀପୂଜା ଅବସରରେ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଆୟୋଜନ କରାଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ମେଳାକୁ ଜିଲାପାଳ ବିଶାଲ ସିଂହ ଉଦଘାଟନ କରିଥିଲେ। ଏହି ଅବସରରେ ବୟନିକା ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଉପସ୍ଥିତ ଥିଲେ। କେନ୍ଦୁଝର ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ଜେଲରୋଡଠାରେ ଚାଲିବାକୁ ଥିବା ଏହି ମେଳାରେ ସମୁଦାୟ ୭୦ ଗୋଟି ଷ୍ଟଲ ଖୋଲାଯାଇଛି। ଏଥିମଧ୍ୟରୁ ରାଜ୍ୟର ପ୍ରମୁଖ ୨ ସଂସ୍ଥା ଯଥା: ବୟନିକା ଏବଂ ଉତ୍କଳିକା ସହ ୬୦ ଗୋଟି ଏବଂ ରାଜ୍ୟ ବାହାରର ୧୦ ଗୋଟି ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି। ମେଳା ପ୍ରତ୍ୟହ ଦିବା ୧୧.୦୦ ଘଟିକାଠାରୁ ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ ଚାଲିବ। ମେଳାରେ ଓ ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା), ଓଡିଶା ହସ୍ତତନ୍ତ ଉଦ୍ୟୋଗର ସର୍ବପୁରାତନ ତଥା ଏକମାତ୍ର ଶୀର୍ଷ ବିପଣନ ସଂସ୍ଥା ଯାହାକି ଦୀର୍ଘ ୬୮ ବର୍ଷ ଧରି ଓଡିଶା ହସ୍ତତନ୍ତ କଳାର ପ୍ରଚାର, ପ୍ରସାର ତଥା ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିଆସୁଛି। ମେଳାରେ ବହୁ ସଂଖ୍ୟାରେ ପଦାର୍ପଣ କରି ସରକାରୀ ରିହାତିର ସୁବିଧା ସହ ହସ୍ତତନ୍ତ ବସ୍ତ୍ର କ୍ରୟ କରି ବୁଣାକାରଙ୍କୁ ଉତ୍ସାହିତ କରିବାକୁ ବୟନିକା ପକ୍ଷରୁ ନିବେଦନ କରାଯାଇଛି।

# ଦୁର୍ଗାପୂଜା ସ୍ଥାନକୁ ଭୂମିହୀନଙ୍କୁ ପ୍ରଦାନ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

**ଗ୍ରାମବାସୀଙ୍କ ପ୍ରତିବାଦ**

କେନ୍ଦୁଝର,୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ତହସିଲ ଅନ୍ତର୍ଗତ ଟିକିରା ଗ୍ରାମରେ ଦୀର୍ଘ ୩୮ ବର୍ଷ ଧରି ଦୁର୍ଗାପୂଜା ହୋଇ ଆସୁଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତିଙ୍କୁ ଭୂମିହୀନ ଦର୍ଶାଇ ତହସିଲ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରି ସାର୍ବଜନୀନ ସ୍ଥାନକୁ ଫେରସ୍ତ କରିବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ପ୍ଲଟ୍ ନମ୍ବର ୧୪୭ରେ ସ୍ଥାନୀୟ ଲୋକମାନେ ଦୁର୍ଗାପୂଜା କରି ଆସୁଛନ୍ତି। ଭୂମିହୀନଙ୍କୁ ସରକାର ୪ ଡିସିମିଲ ଜମି ପଟ୍ଟା ଦେଉଥିବା ଯୋଜନାରେ ଉକ୍ତ ଜମିକୁ ଗଞ୍ଜାମ ଜିଲାରୁ ଆସିଥିବା ଜଣେ ବ୍ୟକ୍ତି ଓ ତାଙ୍କ ବାପାଙ୍କ ନାମରେ ପଟ୍ଟା କରାଯାଇଛି। ଏହି ବ୍ୟକ୍ତି ସ୍ଥାନୀୟ ବାସିନ୍ଦା ହୋଇ ନ ଥିବା ଏବଂ ସେମାନଙ୍କ ପୈତୃକ ଗ୍ରାମରେ ଜମିବାଡି ଅଛି କି ନାହିଁ ସରଜମିନ ତଦନ୍ତ ନ କରି ତାଙ୍କୁ କିପରି ଜମି ମିଳିଲା ତାହାକୁ ନେଇ ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଏପରିକି ଉକ୍ତ ବ୍ୟକ୍ତି ଦୁର୍ଗାପୂଜା କମିଟି ବିରୋଧରେ ମକଦ୍ଦମା କରି ଉକ୍ତ ଜମି ହାତେଇଥିବା ଓ ସବୁବେଳେ ଗ୍ରାମରେ ଗଣ୍ଡଗୋଳ ସୃଷ୍ଟି କରୁଥିବା ନେଇ ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ଉକ୍ତ ପଟ୍ଟାକୁ ବାତିଲ କରିବାକୁ ନିବେଦନ କରିଛନ୍ତି।

# ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ଉତ୍ତେଜନା

**ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ପାଟଣା,୪।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସିଡି ମୋନାଲିସା ସୋମବାର ଆସି ନ ଥିବାରୁ ଡାକ୍ତରଖାନା ପରିସରରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। କିଛି ରୋଗୀ ଡାକ୍ତର ନ ଆସିବାରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନ ପାରି ଫେରିଥିବା ବେଳେ କେତେଜଣ ରୋଗୀ ଓ ତାଙ୍କ ସମ୍ପର୍କୀୟ ହୋ ହାଲ୍ଲା କରିଥିଲେ। ଫଳରେ କିଛି ସମୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା।

ପ୍ରକାଶ ଯେ, ସରକାରଙ୍କ ଆଉଟ୍ ଡୋର ଖୋଲିବା ସମୟ ଅନୁଯାୟୀ ସୋମବାର ସକାଳ ୮ ଟାରୁ ୧୦ଟା ପର୍ଯ୍ୟନ୍ତ ମେଡିକାଲ ପରିସରରେ କୌଣସି ଡାକ୍ତରଙ୍କ ଦେଖା ମିଳି ନ ଥିଲା। ଯାହା ଫଳରେ ରୋଗୀ ସେବା ନ ପାଇ ପାଟିତୁଣ୍ଡ କରିଥିଲେ। ଏ ନେଇ ଦାୟିତ୍ୱରେ ଥିବା ଡାକ୍ତର ମୋନାଲିସାଙ୍କ ପ୍ରତିକ୍ରିୟା ମିଳି ନାହିଁ। ସିଡିଏମଓ କିଶୋର କୁମାର ପୃଷ୍ଟିଙ୍କୁ ପଚାରିବାରୁ ତୁରୁମୁଙ୍ଗା ଡାକ୍ତର ସି.ଡି ମୋନାଲିସା ବିନା ଛୁଟିରେ ରହିଥିବାରୁ ଏଭଳି ପରିସ୍ଥିତି ହୋଇଛି। ତାଙ୍କୁ କାରଣ ଦର୍ଶାଓ ନୋଟିସ୍ ଜାରି କରାଯାଇଛି। ଖିରେଇଟାଙ୍ଗିରୀ ଡାକ୍ତର ପାର୍ଥ ସାରଥୀ ନାୟକଙ୍କୁ ତୁରନ୍ତ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକୁ ଯାଇ ରୋଗୀସେବା ଯୋଗାଇ ଦେଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# କୃଷକ ତାଲିମଦାତାଙ୍କୁ ତାଲିମ

ଚମ୍ପୁଆ,୪।୧୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସୌଜନ୍ୟରେ ଚମ୍ପୁଆ କୃଷି କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମକା ମିସନ ଆନୁକୂଲ୍ୟରେ କୃଷକ ତାଲିମଦାତାଙ୍କ ପାଇଁ ୨ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଡିଓ ସତ୍ୟବାନ ସୋରେନ, ମୃତିକା ବିଭାଗ ଏଡିଏ ରବିନ୍ଦ୍ର ସାହୁ, ବ୍ଲକ୍ କୃଷି ଅଧିକାରୀ ନିଳମାଧବ ଦାଶ, ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ୩୦ ଜଣ ଚାଷୀଙ୍କୁ ଚୟନ କରାଯାଇ ଏହି ତାଲିମ ପ୍ରଦାନ କରାଯାଉଛି। ମକାର ବିଭିନ୍ନ ବ୍ୟବହାର, ରୋଗପୋକ ନିୟନ୍ତ୍ରଣ ସହିତ ଚାଷ ସମ୍ବନ୍ଧୀୟ ସମସ୍ୟା ଓ ସଫଳତା ଉପରେ ଆଲୋଚନା ହୋଇଥିଲା।



# ବାଲି ବୋଝେଇ ଟ୍ରାକ୍ଟର ଜବତ

ମୋରଡ଼ା,୪।୧୧(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଉକ୍ତ ତହସିଲ ଅଞ୍ଚଳରେ ବିଭିନ୍ନ ନଦୀ ଘାଟରୁ ବର୍ଷ ତମାମ ବେଆଇନ ଭାବେ ବାଲି ଉତ୍ତୋଳନ ପରେ ଚୋରା ଚାଲାଣ ହେଉଛି। ତେବେ ଜମ୍ବୀରା ନଦୀର ଠେଙ୍ଗାତାଣ୍ଡି ଘାଟରୁ ଏକ ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ପୋଲିସ ଚଢ଼ାଉ କରି ମୋହନପୁର ନିକଟରୁ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଛି। ଏହି ଘଟଣାରେ ଟ୍ରାକ୍ଟର ଡ୍ରାଇଭର ବୁଦ୍ଧିରାମ ସିଂଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୨୧/୨୪) ରୁଜୁ ହୋଇଛି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବାରିପଦା,୪।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଶିକ୍ଷାଗ୍ରହଣ ସହିତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ କହିଥିଲେ।

'ଓଡ଼ିଶାର ଲୋକକଳା' ପ୍ରସଙ୍ଗ ଉପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲାର ୨୬ଟି ବ୍ଲକରୁ ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ଦୀପ୍ତି ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ଭିନ୍ନକ୍ଷମ ଓ ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ୩ଜଣ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦାରା ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ୧୪ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶ ଗ୍ରହଣ କରିବେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲ ଓ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲା ବିଜ୍ଞାନ ପରିଦର୍ଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷକ ସୋମନାଥ ସିଂ, ସତ୍ୟ ନାରାୟଣ ନାୟକ, ଦିଲ୍ଲୀପ କୁମାର ଘୋଷ, ନାରାୟଣ କିଂକର ଦତ୍ତ, ପୁଲକ ଚନ୍ଦ୍ର ମହାନ୍ତ, ଗରେନ୍ଦ୍ର ସିଂ, ଜଗନ୍ନାଥ ସିଂ, ଗଣେଶ ବେହେରା ଶିକ୍ଷୟିତ୍ରୀ ପଦ୍ମିନୀ ପାଢୀ, ମୌସୁମୀ ସାହୁ, ମୌସୁମୀ ଦୀକ୍ଷିତ, ଅଶିନୀ କୁମାର ସିଂହ, ରାଜେଶ କୁମାର ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ପଦଯାତ୍ରା ମାଧ୍ୟମରେ ବଳ ଗୋଟାଉଛି ବିଜେଡି




ପାଟଣା ବିଜେଡି ପକ୍ଷରୁ ଅନୁଷ୍ଠିତ ପଦଯାତ୍ରା।

ପାଟଣା,୪।୧୧(ବୀରକିଶୋର ଦାଶ)

ସାଧାରଣ ନିର୍ବାଚନରେ ବିଜେଡିର ଖରାପ ପ୍ରଦର୍ଶନ ପରେ କେନ୍ଦୁଝରରେ ଦଳ ଦୁର୍ବଳ ହୋଇପଡ଼ିଛି କହିଲେ ଚଳେ। ନିର୍ବାଚନ ପରଠାରୁ ଦଳ ମଧ୍ୟରେ ଏକପ୍ରକାର ନୀରବତା ଛାଇଯାଇଛି। ବହୁ ଟାଣୁଆ ନେତା ଓ କର୍ମୀ ଦଳ ଛାଡୁଥିବା ଦେଖାଯାଉଛି। ଏହାରି ମଧ୍ୟରେ ବିଜେଡି ସୋମବାର ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି। କାର୍ଯ୍ୟକ୍ରମରେ ଛାମୁଆ ନେତା ଯୋଗଦେଇ ବର୍ତ୍ତମାନର ସରକାର ବିରୋଧରେ ଅଭିଭାଷଣ ରଖିଥିଲେ। ଆଗାମୀ ନିର୍ବାଚନ ପାଇଁ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ପଦଯାତ୍ରାରେ ବହୁସଂଖ୍ୟାରେ କର୍ମକର୍ତ୍ତା ସାମିଲ ହୋଇ ପୁଣି ଲୋକଙ୍କ ନିକଟତର ହେବା ସହ ବିଶ୍ୱାସଭାଜନ ହେବାକୁ ପ୍ରୟାସ କରାଯାଇଛି। ନିର୍ବାଚନ ପରେ ବିଜେଡି ଦଳ ପଦଯାତ୍ରା ମାଧ୍ୟମରେ ବଳ ଗୋଟାଉଥିବା ନେଇ ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀର ସାହାରପଡ଼ା ବ୍ଲକ୍‌ରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ପଦଯାତ୍ରା ବାଇକଳା ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ବାହାରି ଖଜିରାପାଟ ପଞ୍ଚାୟତ ମୁକ୍ତାପୁର ଦେଇ ମଲାରପଦା ପଞ୍ଚାୟତ ବିନିଦାରେ ପହଞ୍ଚିଥିଲା। ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ଛବିରାଣୀ ସେଠୀ, ଦିଲୀପ ସାହୁ, ମାଧବାନନ୍ଦ ପୃଷ୍ଟି, ବିଶ୍ୱନାଥ ନାଏକ, ସତ୍ୟବ୍ରତ ନାଏକ, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁସଂଖ୍ୟାରେ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ସଂଗଠନ ସୁଦୃଢ଼ କରିବାକୁ ଦେବୀ, ବଦ୍ରିଙ୍କ ଆହ୍ୱାନ

ବଉଳ/ହାଟଡ଼ିହୀ/ ଛେନାପଦି,୪।୧୧(ଦୁର୍ଗା ପ୍ରସାଦ ଆୟଚ/ଶୁଭକାନ୍ତ ନାୟକ/ ନିରାକାର ପରିଡା)

ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡ଼ିହୀ ବ୍ଲକ୍‌ରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩୪ନଂ. ଜୋନ୍ ସୋସୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ପଦଯାତ୍ରା ବାହାରି ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ବଜାର ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି କୋର୍ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ରାଜ୍ୟ ବିଜେଡି କାର୍ଯ୍ୟାଳୟର ସମ୍ପାଦକ ପ୍ରିୟବ୍ରତ ମାଝୀ ସାମିଲ ହୋଇ ବର୍ତ୍ତମାନ ଏକ ଅପାରଗ ସରକାର ଚାଲିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡ ବନ୍ଦ କରିଦେଇ ଆୟୁଷ୍ମାନ୍ ଯୋଜନା ଲାଗୁକରି ମା'ମାନଙ୍କୁ ଭାଜପା ସରକାର ଠକୁଛନ୍ତି। ପୂର୍ବରୁ ମା'ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଥିବା ବେଳେ ତାହା ବର୍ତ୍ତମାନ ୫ଲକ୍ଷ ଟଙ୍କା ହୋଇଛି। ସୁଭଦ୍ରା ଯୋଜନାରେ ମା'ଙ୍କୁ ଭଣ୍ଡେଇବା ସହ ୩୦୦ ୟୁନିଟ ବିଜୁଳି ବିଲ ଛାଡ଼ ଓ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଭଳି ମିଛ ପ୍ରତିଶ୍ରୁତି ଦିଆଯାଇଛି। ଆଗାମୀ ପଞ୍ଚାୟତ, ୨୦୨୯ ନିର୍ବାଚନରେ ବିଜେଡି ସଫଳତା ପାଇବ, ସେନେଇ ଦଳର ସଂଗଠନକୁ ମଜଭୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ରତିକାନ୍ତ ରାଉତ, ସୁରେନ୍ଦ୍ର ଜେନା, ରାକେଶ ରାମ, ରଜନିରାଣୀ ଖଟୁଆ, ଅଞ୍ଜନା ବାରିକ୍, ରାମଚନ୍ଦ୍ର ପଲେଇ, ସୁଶୀଲ ହୋତା, କୌଶଲ୍ୟା ସେଠୀ, ବିଦ୍ୟାଧର ବିଶ୍ୱାଳ, ହରପ୍ରିୟା ଦଣ୍ଡପାଟ, ଦମୟନ୍ତୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।




ସଭାରେ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ।

**ଭାଜପା ପକ୍ଷରୁ ବିଡିଓଙ୍କୁ ସମ୍ବର୍ଦ୍ଧନା**

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ନୂତନ ବିଡିଓ ମାନସ ଦଣ୍ଡପାଟଙ୍କୁ ସୋମବାର ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭାଜପା ନେତା କମଳାକାନ୍ତ ଦାଶ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇ, ରମେଶଚନ୍ଦ୍ର ମହାନ୍ତ, ସୋମବାରି ମୁଣ୍ଡା, ଶଶିଭୂଷଣ ମହାନ୍ତ, ମିତ୍ରଭାନୁ ମହାନ୍ତ, ମୋହନ ମହାନ୍ତ, ପ୍ରୀୟରଞ୍ଜନ ସିଂ, ସଞ୍ଜୟ ପଲେଇ, ଡମ୍ବରୁ ମହାନ୍ତ, ସୁବ୍ରତ ଦ୍ୱିବେଦୀ, ହରିଶ ମହାନ୍ତ, ବୁଲୁ ଲେଙ୍କା, ନିରଞ୍ଜନ ମହାନ୍ତ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।



**କେନ୍ଦୁଝର**

**ସଂକ୍ଷେପରେ**

## ଜନ୍ମ ପ୍ରମାଣପତ୍ର ପାଇଁ କ୍ରୀଡ଼ାବିତ୍‌ଙ୍କ ଗୁହାରି



କେନ୍ଦୁଝର,୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହର ବଣିଆପାଟ ଗ୍ରାମର ଜଣେ ଆଦିବାସୀ ଛାତ୍ରୀ ଜନ୍ମଗତ ପ୍ରମାଣପତ୍ର ପାଇ ନ ଥିବାରୁ ରାଜ୍ୟସ୍ତରୀୟ କ୍ରୀଡ଼ାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଉକ୍ତ ଛାତ୍ରୀଙ୍କ ନାମ ଅଞ୍ଜଳି ମାଝୀ ଏବଂ ବଡହଳ ଗ୍ରାମର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ଆଧାର କାର୍ଡ ପାଇଥିଲେ ହେଁ ଜନ୍ମଗତ ପ୍ରମାଣ ପତ୍ର ପାଇ ନ ଥିବା କହିଛନ୍ତି। ଏବେ କେନ୍ଦୁଝରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ଉକ୍ତ ରାଜ୍ୟସ୍ତରୀୟ ଆଥଲେଟିକ ମିଟ୍ ପାଇଁ ଜନ୍ମଗତ ପ୍ରମାଣପତ୍ରର ଆବଶ୍ୟକତା ଥିବାରୁ ସେ ଏ ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଜିଲାପାଳ ବିଶାଳ ସିଂହ ଅଭିଯୋଗ ଗ୍ରହଣ କରି ଏ ନେଇ ପଦକ୍ଷେପ ନେବାକୁ ଉପ ଜିଲାପାଳ କେନ୍ଦୁଝରଙ୍କୁ କହିଛନ୍ତି। ଅଞ୍ଜଳିଙ୍କ ବାପା ସୋମନାଥ ମାଝୀ ପୂର୍ବରୁ ବାରମ୍ବାର ପୌରପାଳିକାକୁ ଯାଇଥିଲେ ହେଁ ଅଦ୍ୟାବଧି ଜନ୍ମଗତ ପ୍ରମାଣପତ୍ର ପାଇନାହାନ୍ତି। ତୁରନ୍ତ ଜନ୍ମଗତ ପ୍ରମାଣପତ୍ର ଦେବାକୁ ପରିବାର ଲୋକ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ପ୍ରବଚନ, ହରିନାମ ଭଜନ

ଚମ୍ପୁଆ,୪।୧୧(ମହେଶ୍ୱର ଦାସ): ବିଶ୍ୱର ପଞ୍ଚମ ମୂଳ ଜଗଦଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କ ଶିଷ୍ୟା ରାଶେଶ୍ୱରୀ ଦେବୀଙ୍କ ପ୍ରବଚନ କାର୍ଯ୍ୟକ୍ରମ ଚମ୍ପୁଆ ଧରଣୀଧର ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଉମାକାନ୍ତ ସାହୁ, ଅବସରପ୍ରାପ୍ତ ପ୍ରଧାପକ ଗିରିଜାଶଙ୍କର କର ପ୍ରମୁଖ ଯୋଗଦେଇଥିଲେ। ରାଶେଶ୍ୱରୀ ଦେବୀଜୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ପ୍ରବଚନ ପ୍ରାରମ୍ଭରେ ହରିନାମ ଭଜନ କରାଯାଇଥିଲା। ସନାତନ ଓ ବୈଦିକ ଧର୍ମ ଉପରେ ସରଳ ଭାଷାରେ ଆଲୋକପାତ କରିଥିଲେ। ବେଦ, ପୁରାଣ, ଶୃତି ପରମ୍ପରା ଉପରେ ବାଖ୍ୟାକରି ଜୀବାତ୍ମାମାନଙ୍କୁ ଜୀବନକାଳରେ ଉପଯୋଗ କରିବାକୁ ଉପଦେଶ ପ୍ରଦାନ କରିଥିଲେ। ଶେଷରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିରେ ଆରତିପ୍ରଦାନ କରି ପ୍ରବଚନ ଶେଷ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ହରପିସ୍ ନିରାକରଣ ବ୍ୟବସ୍ଥା ହେଉନି, ବନ୍ୟପ୍ରାଣୀଙ୍କୁ ବିପଦ

**ହସ୍ତୀ ଅଭୟାରଣ୍ୟରେ ହାତୀ ମୃତ୍ୟୁ ଘଟଣା**

**ହରପିସ୍ ଭାଇରସ ସଂକ୍ରମିତ ଥିଲା**

ହାଟଡ଼ିହୀ,୪।୧୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ହସ୍ତୀ ଅଭୟାରଣ୍ୟର ଚକ୍ରତୀର୍ଥଠାରେ ସେପ୍ଟେମ୍ବର ୨୮ରେ ଏକ କୈଶୋର ମାଈ ହାତୀର ମୃତଦେହକୁ ବନ ବିଭାଗ ଠାବ କରିଥିଲା। ହାତୀର ବୟସ ପ୍ରାୟ ୫ ବର୍ଷ ହେବ। ଉକ୍ତ ହାତୀଟି ହରପିସ୍ ଭାଇରସ ଦ୍ୱାରା ସଂକ୍ରମଣ ହୋଇଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ମାତ୍ର ସଂକ୍ରମଣ ସମ୍ପର୍କରେ ଜଣାପଡ଼ିବା ପରେ ବି ବନ ବିଭାଗ ପକ୍ଷରୁ କୌଣସି ନିରାକରଣ ବ୍ୟବସ୍ଥା କରାଯାଉନାହିଁ। ଫଳରେ ଜଙ୍ଗଲରେ ଅନ୍ୟ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି।

ପ୍ରକାଶ ଯେ, ବନ ବିଭାଗ କର୍ମଚାରୀମାନେ ହାତୀ ମୃତଦେହ ଜବତ କରି ଅନୁଧ୍ୟାନ କରିବା ସହ ଡାକ୍ତରୀ ଟିମ୍ ଦ୍ୱାରା ବ୍ୟବଚ୍ଛେଦ କରାଇଥିଲେ। କିନ୍ତୁ ହାତୀର ମୃତ୍ୟୁ କିପରି ଘଟିଥିଲା ତାହାର କାରଣ ଅସ୍ପଷ୍ଟ ରହିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହରପିସ ଭାଇରସ ସଂକ୍ରମଣ ଯୋଗୁ ମାଈ ହାତୀର ମୃତ୍ୟୁ ଘଟିଥିବା ଆନନ୍ଦପୁର ଡିଏଫ୍‌ଓ ଅଭୟ ଦଳେଇ ସ୍ପଷ୍ଟ କହିଛନ୍ତି। ତେବେ ଏହି ଭାଇରସର ଲକ୍ଷଣ, ସଂକ୍ରମଣର କାରଣ ଏବଂ ନିରାକରଣ ସମ୍ପର୍କରେ ଡିଏଫ୍‌ଓ ଦଳେଇ ଜାଣି ନ ଥିବା ଏବଂ ଡାକ୍ତର ହିଁ ଏ ବାବଦରେ ଠିକ୍ ସୂଚନା ଦେଇପାରିବେ ବୋଲି କହିଛନ୍ତି। ଡିଏଫ୍‌ଓଙ୍କ କହିବା ଅନୁଯାୟୀ, ଜଙ୍ଗଲରେ ଉକ୍ତ ଭାଇରସ୍ ନ ବ୍ୟାପିବା ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସ୍ପଷ୍ଟ ହୋଇଛି। ତେଣୁ ଅନ୍ୟ ହାତୀ ଉକ୍ତ ଭାଇରସରେ ସଂକ୍ରମିତ ଅଛନ୍ତି କି ନାହିଁ ତାହା ଏକ ପ୍ରଶ୍ନ ସାଜିଛି। ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଆଖିଆଗରେ ରଖି ଉକ୍ତ ଭାଇରସ ସଂକ୍ରମଣକୁ ପ୍ରତିହତ ପାଇଁ ବନ ବିଭାଗ କ'ଣ ପଦକ୍ଷେପ ଗ୍ରହଣ କରିଛି ତାହା ମଧ୍ୟ ଅସ୍ପଷ୍ଟ ରହିଛି। ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ତଥା ଆଇନଜୀବୀ ଭଗବାନ ମଲିକ ଏବଂ ସୋସୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ କହିଛନ୍ତି, ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ଉକ୍ତ ଭାଇରସର ସୃଷ୍ଟି ଏବଂ ନିରାକରଣ ଦିଗରେ ସରକାର ଏବଂ ବନ ବିଭାଗ ଅନୁଧ୍ୟାନ ସହ ସତର୍କତାମୂଳକ ପଦକ୍ଷେପ ନେବା ଜରୁରୀ ଅଟେ। ନଚେତ ଏହି ଭାଇରସ୍ ଆଗକୁ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶା କରାଯାଉଛି। ଅପରପକ୍ଷେ ୨୦୨୪ ହାତୀଗଣନା ଅନୁସାରେ, ଅଭୟାରଣ୍ୟରେ ମୋଟ ୨୪ଟି ହାତୀ ଥିଲେ। ସେଥିମଧ୍ୟରୁ ୩ ହାତୀ ମୃତ୍ୟୁବରଣ କରିଛନ୍ତି। ହାତୀ ସଂଖ୍ୟା ଧୀରେ ଧୀରେ କମୁଥିବାରୁ ଏହା ଏବେ ଉଦ୍‌ବେଗର ବିଷୟ ସାଜିଛି।

## ଦୁର୍ଗାପୂଜା ସ୍ଥାନକୁ ଭୂମିହୀନଙ୍କୁ ପ୍ରଦାନ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

**ଗ୍ରାମବାସୀଙ୍କ ପ୍ରତିବାଦ**

କେନ୍ଦୁଝର,୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ତହସିଲ ଅନ୍ତର୍ଗତ ଟିକିରା ଗ୍ରାମରେ ଦୀର୍ଘ ୩୮ ବର୍ଷ ଧରି ଦୁର୍ଗାପୂଜା ହୋଇ ଆସୁଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତିଙ୍କୁ ଭୂମିହୀନ ଦର୍ଶାଇ ତହସିଲ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରି ସାର୍ବଜନୀନ ସ୍ଥାନକୁ ଫେରସ୍ତ କରିବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ପ୍ଲଟ୍ ନମ୍ବର ୧୪୭ରେ ସ୍ଥାନୀୟ ଲୋକମାନେ ଦୁର୍ଗାପୂଜା କରି ଆସୁଛନ୍ତି। ଭୂମିହୀନଙ୍କୁ ସରକାର ୪ ଡିସିମିଲ ଜମି ପଟ୍ଟା ଦେଉଥିବା ଯୋଜନାରେ ଉକ୍ତ ଜମିକୁ ଗଞ୍ଜାମ ଜିଲାରୁ ଆସିଥିବା ଜଣେ ବ୍ୟକ୍ତି ଓ ତାଙ୍କ ବାପାଙ୍କ ନାମରେ ପଟ୍ଟା କରାଯାଇଛି। ଏହି ବ୍ୟକ୍ତି ସ୍ଥାନୀୟ ବାସିନ୍ଦା ହୋଇ ନ ଥିବା ଏବଂ ସେମାନଙ୍କ ପୈତୃକ ଗ୍ରାମରେ ଜମିବାଡି ଅଛି କି ନାହିଁ ସରଜମିନ ତଦନ୍ତ ନ କରି ତାଙ୍କୁ କିପରି ଜମି ମିଳିଲା ତାହାକୁ ନେଇ ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଏପରିକି ଉକ୍ତ ବ୍ୟକ୍ତି ଦୁର୍ଗାପୂଜା କମିଟି ବିରୋଧରେ ମକଦ୍ଦମା କରି ଉକ୍ତ ଜମି ହାତେଇଥିବା ଓ ସବୁବେଳେ ଗ୍ରାମରେ ଗଣ୍ଡଗୋଳ ସୃଷ୍ଟି କରୁଥିବା ନେଇ ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ଉକ୍ତ ପଟ୍ଟାକୁ ବାତିଲ କରିବାକୁ ନିବେଦନ କରିଛନ୍ତି।

# ଦିନରେ ଉତ୍ତୋଳନ, ରାତିରେ ଚାଲାଣ



**ଆନନ୍ଦପୁର ତହସିଲରେ ଥମୁନି ବାଲି ଚୋରାଚାଲାଣ**

ରାମଚନ୍ଦ୍ରପୁର,୪।୧୧(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ତହସିଲ ଅନ୍ତର୍ଗତ କୁସେଇ ନଦୀର ବିଭିନ୍ନ ବାଲିଘାଟରୁ ବେଆଇନ ଭାବରେ ବାଲି ଚୋରାଚାଲାଣ ହେଉଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଆନନ୍ଦପୁର ବ୍ଲକ୍ କୁସେଇ ନଦୀର କୌଣସି ବାଲି ଘାଟକୁ ନିଲାମ ଦିଆଯାଇନାହିଁ। ମାତ୍ର ବାଲି ମାଫିଆ ଦିନରେ ଖୁଲମଖୋଲା ବାଲି ଉଠାଉଥିବା ଦେଖିବାକୁ ମିଳିଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ।

ଆନନ୍ଦପୁର ତହସିଲ ଅନ୍ତର୍ଗତ ବେଲବାହାଲି ନଦୀ ଘାଟରୁ ଚୋରା ବାଲିଚାଲାଣ ହେବା ସହ ୩୩ କେଭି ବିଦ୍ୟୁତ୍ ଖୁଣ୍ଟ ପାଖରୁ ବାଲି ଖୋଳି ନେଉଛନ୍ତି। ସେହିପରି ଟୋଲଙ୍କପଡ଼ା, ମଙ୍ଗଳପୁର, ଜଳସୁଆଁ ଗ୍ରାମର କୁସେଇ ନଦୀରୁ ପ୍ରାୟ ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ଦିନରାତି ବାଲି ଚୋରାଚାଲାଣ ଚାଲିଛି। ଅନ୍ୟପଟେ ବେଲବାହାଲି ମୌଜାରେ ଦିନରେ ବାଲି ଉଠାଯାଇ ବିଭିନ୍ନ ସରକାରୀ ଜମିରେ ଗଦା କରାଯାଉଛି। ବାଲିକୁ ରାତିରେ ମେସିନ ଯୋଗେ ହାଇୱାରେ ବୋଝେଇ କରାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଲୋକେ ଗାଧୋଉଥିବା ନଦୀ ଘାଟରୁ ବାଲି ଉତ୍ତୋଳନ ହେଉଥିବାରୁ ଗାଧୁଆ ଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି, ଆମକୁ ବାଲି ଗାଡ଼ି ଧରିବା ପାଇଁ କୌଣସି ଅନୁମତି ଦିଆଯାଇନାହିଁ। ଯଦି ଏସ୍‌ପି ନିର୍ଦ୍ଦେଶ ଦେବେ ଚଢ଼ାଉ କରାଯିବ। ଖଣି ବିଭାଗର ଅଧିକାରୀ ତାରିଣୀ କୁମାର ସିଂ କହିଛନ୍ତି, ବାଲି ଗାଡ଼ି ଧରିବା ତହସିଲ ଅଧୀନରେ ନାହିଁ। ପୋଲିସ ଅଧୀନରେ ଅଛି ସେ ଧରି ପାରିବେ। ଏ ନେଇ ସେ ଏସ୍‌ପିଙ୍କ ସହ କଥା ହେବେ। ମାଫିଆଙ୍କୁ ଧରାଯିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଜାତୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

କେନ୍ଦୁଝର,୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ଜାତୀୟ ହସ୍ତତନ୍ତ ମେଳା ସୋମବାରଠାରୁ ଆରମ୍ଭ ହୋଇଛି। କାଳୀପୂଜା ଅବସରରେ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଆୟୋଜନ କରାଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ମେଳାକୁ ଜିଲାପାଳ ବିଶାଳ ସିଂହ ଉଦଘାଟନ କରିଥିଲେ। ଏହି ଅବସରରେ ବୟନିକା ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଉପସ୍ଥିତ ଥିଲେ। କେନ୍ଦୁଝର ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ଜେଲରୋଡଠାରେ ଚାଲିବାକୁ ଥିବା ଏହି ମେଳାରେ ସମୁଦାୟ ୭୦ ଗୋଟି ଷ୍ଟଲ ଖୋଲାଯାଇଛି। ଏଥିମଧ୍ୟରୁ ରାଜ୍ୟର ପ୍ରମୁଖ ୨ ସଂସ୍ଥା ଯଥା: ବୟନିକା ଏବଂ ଉତ୍କଳିକା ସହ ୬୦ ଗୋଟି ଏବଂ ରାଜ୍ୟ ବାହାରର ୧୦ ଗୋଟି ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି। ମେଳା ପ୍ରତ୍ୟହ ଦିବା ୧୧.୦୦ ଘଟିକାଠାରୁ ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ ଚାଲିବ। ମେଳାରେ ଓ ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା), ଓଡିଶା ହସ୍ତତନ୍ତ ଉଦ୍ୟୋଗର ସର୍ବପୁରାତନ ତଥା ଏକମାତ୍ର ଶୀର୍ଷ ବିପଣନ ସଂସ୍ଥା ଯାହାକି ଦୀର୍ଘ ୬୮ ବର୍ଷ ଧରି ଓଡିଶା ହସ୍ତତନ୍ତ କଳାର ପ୍ରଚାର, ପ୍ରସାର ତଥା ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିଆସୁଛି। ମେଳାରେ ବହୁ ସଂଖ୍ୟାରେ ପଦାର୍ପଣ କରି ସରକାରୀ ରିହାତିର ସୁବିଧା ସହ ହସ୍ତତନ୍ତ ବସ୍ତ୍ର କ୍ରୟ କରି ବୁଣାକାରଙ୍କୁ ଉତ୍ସାହିତ କରିବାକୁ ବୟନିକା ପକ୍ଷରୁ ନିବେଦନ କରାଯାଇଛି।

## ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ଉତ୍ତେଜନା

**ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ପାଟଣା,୪।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସିଡି ମୋନାଲିସା ସୋମବାର ଆସି ନ ଥିବାରୁ ଡାକ୍ତରଖାନା ପରିସରରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। କିଛି ରୋଗୀ ଡାକ୍ତର ନ ଆସିବାରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନ ପାରି ଫେରିଥିବା ବେଳେ କେତେଜଣ ରୋଗୀ ଓ ତାଙ୍କ ସମ୍ପର୍କୀୟ ହୋ ହାଲ୍ଲା କରିଥିଲେ। ଫଳରେ କିଛି ସମୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା।

ପ୍ରକାଶ ଯେ, ସରକାରଙ୍କ ଆଉଟ୍ ଡୋର ଖୋଲିବା ସମୟ ଅନୁଯାୟୀ ସୋମବାର ସକାଳ ୮ ଟାରୁ ୧୦ଟା ପର୍ଯ୍ୟନ୍ତ ମେଡିକାଲ ପରିସରରେ କୌଣସି ଡାକ୍ତରଙ୍କ ଦେଖା ମିଳି ନ ଥିଲା। ଯାହା ଫଳରେ ରୋଗୀ ସେବା ନ ପାଇ ପାଟିତୁଣ୍ଡ କରିଥିଲେ। ଏ ନେଇ ଦାୟିତ୍ୱରେ ଥିବା ଡାକ୍ତର ମୋନାଲିସାଙ୍କ ପ୍ରତିକ୍ରିୟା ମିଳି ନାହିଁ। ସିଡିଏମଓ କିଶୋର କୁମାର ପୃଷ୍ଟିଙ୍କୁ ପଚାରିବାରୁ ତୁରୁମୁଙ୍ଗା ଡାକ୍ତର ସି.ଡି ମୋନାଲିସା ବିନା ଛୁଟିରେ ରହିଥିବାରୁ ଏଭଳି ପରିସ୍ଥିତି ହୋଇଛି। ତାଙ୍କୁ କାରଣ ଦର୍ଶାଓ ନୋଟିସ୍ ଜାରି କରାଯାଇଛି। ଖିରେଇଟାଙ୍ଗିରୀ ଡାକ୍ତର ପାର୍ଥ ସାରଥୀ ନାୟକଙ୍କୁ ତୁରନ୍ତ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକୁ ଯାଇ ରୋଗୀସେବା ଯୋଗାଇ ଦେଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ୨୨୭ ଅଭିଯୋଗ ଆଗତ, ୬୭ ଫଇସଲା

କେନ୍ଦୁଝର,୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ ସଦର ମହକୁମାସ୍ଥ ଦରବାର ହଲାଠାରେ ସୋମବାର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ମୋଟ ୨୨୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୪ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୨୦୩ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥି ମଧ୍ୟରୁ ୬୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲା ରେଡ଼କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୧୧ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡ଼ି, ଅତିରିକ୍ତ ଜିଲାପାଳ ଆଲୋକ ରଞ୍ଜନ ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର ପୃଷ୍ଟି, କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳାଇ, ସଦର ବିଡିଓ ବିନୋଦ ପଣ୍ଡା, କେନ୍ଦୁଝର ତହସିଲଦାର ଶୁଭେନ୍ଦୁ ସାହୁ ଏବଂ ସହକାରୀ ଜିଲାପାଳ ସନ୍ତୋଷ ଜେନାଙ୍କ ସମେତ ଜିଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ।

## କୃଷକ ତାଲିମଦାତାଙ୍କୁ ତାଲିମ

ଚମ୍ପୁଆ,୪।୧୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସୌଜନ୍ୟରେ ଚମ୍ପୁଆ କୃଷି କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମକା ମିସନ ଆନୁକୂଲ୍ୟରେ କୃଷକ ତାଲିମଦାତାଙ୍କ ପାଇଁ ୨ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଡିଓ ସତ୍ୟବାନ ସୋରେନ, ମୃତିକା ବିଭାଗ ଏଡିଏ ରବିନ୍ଦ୍ର ସାହୁ, ବ୍ଲକ୍ କୃଷି ଅଧିକାରୀ ନିଳମାଧବ ଦାଶ, ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ୩୦ ଜଣ ଚାଷୀଙ୍କୁ ଚୟନ କରାଯାଇ ଏହି ତାଲିମ ପ୍ରଦାନ କରାଯାଉଛି। ମକାର ବିଭିନ୍ନ ବ୍ୟବହାର, ରୋଗପୋକ ନିୟନ୍ତ୍ରଣ ସହିତ ଚାଷ ସମ୍ବନ୍ଧୀୟ ସମସ୍ୟା ଓ ସଫଳତା ଉପରେ ଆଲୋଚନା ହୋଇଥିଲା।

## ବାଲି ବୋଝେଇ ଟ୍ରାକ୍ଟର ଜବତ



ମୋରଡ଼ା,୪।୧୧(ସ୍ୱାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଉକ୍ତ ତହସିଲ ଅଞ୍ଚଳରେ ବିଭିନ୍ନ ନଦୀ ଘାଟରୁ ବର୍ଷ ତମାମ ବେଆଇନ ଭାବେ ବାଲି ଉତ୍ତୋଳନ ପରେ ଚୋରା ଚାଲାଣ ହେଉଛି। ତେବେ ଜମ୍ବୀରା ନଦୀର ଠେଙ୍ଗାତାଣ୍ଡି ଘାଟରୁ ଏକ ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ପୋଲିସ ଚଢ଼ାଉ କରି ମୋହନପୁର ନିକଟରୁ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଛି। ଏହି ଘଟଣାରେ ଟ୍ରାକ୍ଟର ଡ୍ରାଇଭର ବୁଦ୍ଧିରାମ ସିଂଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୨୧/୨୪) ରୁଜୁ ହୋଇଛି।

# ପଦଯାତ୍ରା ମାଧ୍ୟମରେ ବଳ ଗୋଟାଉଛି ବିଜେଡି




ପାଟଣା ବିଜେଡି ପକ୍ଷରୁ ଅନୁଷ୍ଠିତ ପଦଯାତ୍ରା।

ପାଟଣା,୪।୧୧(ବୀରକିଶୋର ଦାଶ)

ସାଧାରଣ ନିର୍ବାଚନରେ ବିଜେଡିର ଖରାପ ପ୍ରଦର୍ଶନ ପରେ କେନ୍ଦୁଝରରେ ଦଳ ଦୁର୍ବଳ ହୋଇପଡ଼ିଛି କହିଲେ ଚଳେ। ନିର୍ବାଚନ ପରଠାରୁ ଦଳ ମଧ୍ୟରେ ଏକପ୍ରକାର ନୀରବତା ଛାଇଯାଇଛି। ବହୁ ଟାଣୁଆ ନେତା ଓ କର୍ମୀ ଦଳ ଛାଡୁଥିବା ଦେଖାଯାଉଛି। ଏହାରି ମଧ୍ୟରେ ବିଜେଡି ସୋମବାର ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି। କାର୍ଯ୍ୟକ୍ରମରେ ଛାମୁଆ ନେତା ଯୋଗଦେଇ ବର୍ତ୍ତମାନର ସରକାର ବିରୋଧରେ ଅଭିଭାଷଣ ରଖିଥିଲେ। ଆଗାମୀ ନିର୍ବାଚନ ପାଇଁ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ପଦଯାତ୍ରାରେ ବହୁସଂଖ୍ୟାରେ କର୍ମକର୍ତ୍ତା ସାମିଲ ହୋଇ ପୁଣି ଲୋକଙ୍କ ନିକଟତର ହେବା ସହ ବିଶ୍ୱାସଭାଜନ ହେବାକୁ ପ୍ରୟାସ କରାଯାଇଛି। ନିର୍ବାଚନ ପରେ ବିଜେଡି ଦଳ ପଦଯାତ୍ରା ମାଧ୍ୟମରେ ବଳ ଗୋଟାଉଥିବା ନେଇ ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀର ସାହାରପଡ଼ା ବ୍ଲକ୍‌ରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ପଦଯାତ୍ରା ବାଇକଳା ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ବାହାରି ଖଜିରାପାଟ ପଞ୍ଚାୟତ ମୁକ୍ତାପୁର ଦେଇ ମଲାରପଦା ପଞ୍ଚାୟତ ବିନିଦାରେ ପହଞ୍ଚିଥିଲା। ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ଛବିରାଣୀ ସେଠୀ, ଦିଲୀପ ସାହୁ, ମାଧବାନନ୍ଦ ପୃଷ୍ଟି, ବିଶ୍ୱନାଥ ନାଏକ, ସତ୍ୟବ୍ରତ ନାଏକ, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁସଂଖ୍ୟାରେ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ସଂଗଠନ ସୁଦୃଢ଼ କରିବାକୁ ଦେବୀ, ବଦ୍ରିଙ୍କ ଆହ୍ୱାନ

ବଉଳ/ହାଟଡ଼ିହୀ/ ଛେନାପଦି,୪।୧୧(ଦୁର୍ଗା ପ୍ରସାଦ ଆୟଚ/ଶୁଭକାନ୍ତ ନାୟକ/ ନିରାକାର ପରିଡା)

ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡ଼ିହୀ ବ୍ଲକ୍‌ରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩୪ନଂ. ଜୋନ୍ ସୋସୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ପଦଯାତ୍ରା ବାହାରି ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ବଜାର ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି କୋର୍ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ରାଜ୍ୟ ବିଜେଡି କାର୍ଯ୍ୟାଳୟର ସମ୍ପାଦକ ପ୍ରିୟବ୍ରତ ମାଝୀ ସାମିଲ ହୋଇ ବର୍ତ୍ତମାନ ଏକ ଅପାରଗ ସରକାର ଚାଲିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡ ବନ୍ଦ କରିଦେଇ ଆୟୁଷ୍ମାନ୍ ଯୋଜନା ଲାଗୁକରି ମା'ମାନଙ୍କୁ ଭାଜପା ସରକାର ଠକୁଛନ୍ତି। ପୂର୍ବରୁ ମା'ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଥିବା ବେଳେ ତାହା ବର୍ତ୍ତମାନ ୫ଲକ୍ଷ ଟଙ୍କା ହୋଇଛି। ସୁଭଦ୍ରା ଯୋଜନାରେ ମା'ଙ୍କୁ ଭଣ୍ଡେଇବା ସହ ୩୦୦ ୟୁନିଟ ବିଜୁଳି ବିଲ ଛାଡ଼ ଓ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଭଳି ମିଛ ପ୍ରତିଶ୍ରୁତି ଦିଆଯାଇଛି। ଆଗାମୀ ପଞ୍ଚାୟତ, ୨୦୨୯ ନିର୍ବାଚନରେ ବିଜେଡି ସଫଳତା ପାଇବ, ସେନେଇ ଦଳର ସଂଗଠନକୁ ମଜଭୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ରତିକାନ୍ତ ରାଉତ, ସୁରେନ୍ଦ୍ର ଜେନା, ରାକେଶ ରାମ, ରଜନିରାଣୀ ଖଟୁଆ, ଅଞ୍ଜନା ବାରିକ୍, ରାମଚନ୍ଦ୍ର ପଲେଇ, ସୁଶୀଲ ହୋତା, କୌଶଲ୍ୟା ସେଠୀ, ବିମ୍ବାଧର ବିଶ୍ୱାଳ, ହରପ୍ରିୟା ଦଣ୍ଡପାଟ, ଦମୟନ୍ତୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।




ସଭାରେ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବାରିପଦା,୪।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଶିକ୍ଷାଗ୍ରହଣ ସହିତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ କହିଥିଲେ।

'ଓଡ଼ିଶାର ଲୋକକଳା' ପ୍ରସଙ୍ଗ ଉପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲାର ୨୬ଟି ବ୍ଲକରୁ ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ଦୀପ୍ତି ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ଭିନ୍ନକ୍ଷମ ଓ ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ୩ଜଣ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦାରା ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ୧୪ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶ ଗ୍ରହଣ କରିବେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲ ଓ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲା ବିଜ୍ଞାନ ପରିଦର୍ଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷକ ସୋମନାଥ ସିଂ, ସତ୍ୟ ନାରାୟଣ ନାୟକ, ଦିଲ୍ଲୀପ କୁମାର ଘୋଷ, ନାରାୟଣ କିଙ୍କର ଦତ୍ତ, ପୁଲକ ଚନ୍ଦ୍ର ମହାନ୍ତ, ଗରେନ୍ଦ୍ର ସିଂ, ଜଗନ୍ନାଥ ସିଂ, ଗଣେଶ ବେହେରା ଶିକ୍ଷୟିତ୍ରୀ ପଦ୍ମିନୀ ପାଢୀ, ମୌସୁମୀ ସାହୁ, ମୌସୁମୀ ଦୀକ୍ଷିତ, ଅଶିନୀ କୁମାର ସିଂହ, ରାଜେଶ କୁମାର ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ।




କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**୬ରେ ଗ୍ରହଣଖଣ୍ଡିଆ ଚିକିତ୍ସା ଶିବିର**

ବାଲେଶ୍ୱର(ବାଞ୍ଛାନିଧି ଦେ)-ବାଲେଶ୍ୱର ରୋଟାରୀ କ୍ଲବ ସହଯୋଗରେ କଟକର ହେରିଟେଜ ହେଲଥ୍‌କେୟାର ହସ୍ପିଟାଲ ଆନୁକୂଲ୍ୟରେ ସ୍ଥାନୀୟ ରୋଟାରୀ ଭବନଠାରେ ଆସନ୍ତା ୬ରେ ମାଗଣା ଗ୍ରହଣଖଣ୍ଡିଆ ଚିକିତ୍ସା ଓ ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଦ୍ୱାରା ଚିହ୍ନଟ ରୋଗୀଙ୍କୁ କଟକସ୍ଥିତ ହେରିଟେଜ ହେଲଥ୍ କେୟାର ହସ୍ପିଟାଲକୁ ନିଆଯାଇ ଅସ୍ତ୍ରୋପଚାର ଓ ଚିକିତ୍ସା କରାଯିବ ବୋଲି କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଓ କାର୍ଯ୍ୟକ୍ରମର ଚେୟାରମ୍ୟାନ୍ ରୋ. ଦେବେନ୍ଦ୍ର କୁମାର ଧଳ ସୂଚନା ଦେଇଛନ୍ତି।



**ବାଲେଶ୍ୱର**

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜୀବନ ଗଲା

ବାଲିଆପାଳ, ୪।୧୧(ଗୋପାଳ ଚନ୍ଦ୍ର ସାହୁ)-ବାଲେଶ୍ୱର ଜିଲ୍ଲା ବାଲିଆପାଳ ପଞ୍ଚାୟତର ଗୁନାପୁର ଗ୍ରାମର ନିତ୍ୟାନନ୍ଦ ଜେନା(୫୮) ଶନିବାର ସନ୍ଧ୍ୟାରେ ବାଲିଆପାଳ-କମର୍ଦ୍ଦା ରାସ୍ତାର ବାଲିଆପାଳ ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନେବା ବାଟରେ ମୃତ୍ୟୁ ହୋଇଯାଇଥିଲା। ବାଲିଆପାଳ ପୋଲିସ ଡ୍ରାଇଭର ଓ ଗାଡ଼ିକୁ ଜବତ କରି ଥାନାକୁ ନେଇଥିବା ସୂଚନା ମିଳିଛି।

ନିତ୍ୟାନନ୍ଦ ବାଲିଆପାଳ ବଜାରରୁ ଘରକୁ ଫେରୁଥିବା ବେଳେ ବାଲିଆପାଳ ନୂଆ ବସଷ୍ଟାଣ୍ଡ ସମୁଖରେ ପଛପଟରୁ ଏକ ଇନୋଭା(ନଂ. ଓଆର୦୧ଆର୍‌୮୧୧) ଧକ୍କା ଦେଇଥିଲା। ଫଳରେ ନିତ୍ୟାନନ୍ଦ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। କଂକ୍ରିଟ ରାସ୍ତାରେ ମୁଣ୍ଡର ପଛପଟରେ ମାଡ଼ ହେବାରୁ ନିତ୍ୟାନନ୍ଦଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ନିତ୍ୟାନନ୍ଦଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ନୀଳଗିରିରେ ନୂତନ ତହସିଲଦାର

ନୀଳଗିରି, ୪।୧୧(ପ୍ରଶାନ୍ତ ବିଶ୍ୱାଳ)-ନୀଳଗିରି ନୂତନ ତହସିଲଦାର ଭାବେ ସୋନମ ଦାସ ସୋମବାର ଯୋଗ ଦେଇଛନ୍ତି। ପୂର୍ବ ତହସିଲଦାରଙ୍କ ଅଧୁରା କାର୍ଯ୍ୟକୁ ଶେଷ କରିବା ଓ ଅଧିବାସୀଙ୍କ ଉନ୍ନତିକଳ୍ପେ କାର୍ଯ୍ୟ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ତହସିଲଦାର କହିଛନ୍ତି।

### ମହିଳାଙ୍କୁ ହତ୍ୟା ଘଟଣା ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

ବାଲେଶ୍ୱର, ୪।୧୧(ବାଞ୍ଛାନିଧି ଦେ)-ବାଲେଶ୍ୱର ସଦର ଥାନା ଅଧୀନ ପରିଖି ଫାଣ୍ଡି ଅଞ୍ଚଳର ଜଣେ ମହିଳାଙ୍କୁ ହତ୍ୟା ସମ୍ପର୍କରେ ସୋମବାର ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା, ଆଇଆଇସି ଦୟାନିଧି ଦାସ, ଫାଣ୍ଡି ଅଧିକାରୀ କାମିନୀଚରଣ ନାୟକ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଫାଣ୍ଡି ଅଧୀନ ଗୋକୁଳପୁର ଗ୍ରାମର ପବନ ଗିରିଙ୍କ ସ୍ତ୍ରୀ କଳ୍ପନା (୪୦)ଙ୍କ ମୃତଦେହ ରବିବାର ରାତିରେ ସ୍ଥାନୀୟ କଇଁଫୁଲିଆ ନାଳ ନିକଟ କେନାଲ ଆଡ଼ିରେ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଘଟଣା ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଥିଲା। କେହି ତାଙ୍କୁ ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ନେଇ ମୃତ ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ. ୪୪୦/୨୪) ରୁଜୁ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ଦାସ କହିଛନ୍ତି।

# ମିଳିତ ଆଞ୍ଚଳିକ କୃଷକ ସଭା ପକ୍ଷରୁ ରାସ୍ତାରୋକୋ

ନୀଳଗିରି, ୪।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ସଦର ମହକୁମାକୁ ସଂଯୋଗ କରୁଥିବା ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ (ପିଡବ୍ଲୁଡି) ରାସ୍ତା ତଥା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠର ପ୍ରମୁଖ ମାର୍ଗ ମରଣଯନ୍ତା ପାଲଟିଛି। ମାତ୍ର ରାସ୍ତା ଦୁରବସ୍ଥା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ଏଥିସହ କୁଲଡ଼ିହା ଅଭୟାରଣ୍ୟ ସନ୍ନିକଟ ଜନବସତିକୁ ଇକୋ ସେନ୍ସେଟିଭ୍ ଜୋନ୍‌ରୁ ବାଦ୍ ଦେବା ଏବଂ ହାତୀ ପ୍ରାଦୁର୍ଭାବରୁ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେବାକୁ ନେଇ ବଉଳଗଡ଼ିଆ-ନୀଳଗିରି ରାସ୍ତାର ବାଉଁଶବଣିଆ ଛକଠାରେ ମିଳିତ ଆଞ୍ଚଳିକ କୃଷକ ସଭା ପକ୍ଷରୁ ସୋମବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକୋ କରାଯାଇଛି।

ରାଜ୍ୟ ସରକାର ଉକ୍ତ ୧୪ କିଲୋମିଟର ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ ପାଇଁ ୨୦୨୩ରେ ୩୫ କୋଟି ଅର୍ଥବ୍ୟୟରେ ରାସ୍ତା ନିର୍ମାଣ ପାଇଁ ଏକ କନଷ୍ଟ୍ରକସନ କମ୍ପାନୀ


ରାସ୍ତାରୋକୋ କରାଯାଇଛି।

କାର୍ଯ୍ୟ କରିବା ପାଇଁ ଚୁକ୍ତି ହୋଇଥିଲା। ତାହାର ଅବଧି ୨୦୨୪ ଏପ୍ରିଲ ୧୫ରେ ଶେଷ ହୋଇଥିଲେ ବି ଏହି ସମୟ ଅବଧି ମଧ୍ୟରେ ରାସ୍ତା ପାର୍ଶ୍ୱରେ ଥିବା ଗଛଗୁଡ଼ିକ କାଟିବା ପାଇଁ ବନ ବିଭାଗ ଅନୁମତି ଦେଇ ନ ଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରୁ ନ ଥିବାରୁ ଗଛ ଅବେରାଧର ଦ୍ୱାହି ଦେଇ ଠିକାଦାର କାମ ବନ୍ଦ କରି ଛୁ ମାରିଥିଲେ। ବନବିଭାଗ ଅବହେଳା ପାଇଁ ଦେବଗିରି ପାହାଡ ପାଦଦେଶରେ ସୋଲାର ଫିନ୍ସିଂ ବା ସୌରବାଡ଼ ନ ହେବା କାରଣରୁ କୁଲଡ଼ିହା ଅଭୟାରଣ୍ୟର ହାତୀ ଦୈନନ୍ଦିନ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଅଭୟାରଣ୍ୟର ପାଦଦେଶ ଅଞ୍ଚଳରେ ଜନବସତିମୁହାଁ ହୋଇ ଚାଷଜମି ନଷ୍ଟ କରୁଛନ୍ତି। ମଝିରେ ମଝିରେ ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ଶତାଧିକ ମହିଳା ପୁରୁଷ ରାସ୍ତା ଅବରୋଧ କରି ରାସ୍ତା ମଝିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକୋ କରି ଧାରଣା ଦେଇଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି, ମୋଟର ଅଟକି ରହିଥିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆନ୍ଦୋଳନକାରୀଙ୍କ ନିକଟରେ ନୀଳଗିରି ପୋଲିସ, ବନବିଭାଗ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ପହଞ୍ଚି ଆଲୋଚନା ହୋଇଥିଲେ ସୁଦ୍ଧା ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ମିଳିତ ଆଞ୍ଚଳିକ କୃଷକ ସଭା ତରଫରୁ ନିଷ୍ପତ୍ତି ହୋଇଛି। ରାସ୍ତାରୋକୋ ମିଳିତ ଆଞ୍ଚଳିକ କୃଷକ ସଭାର ସଭାପତି ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ସିପିଆଇ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ବିଜୟ କୁମାର ସ, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଅଜୟ ପଟ୍ଟନାୟକ, ନିହାର ରଞ୍ଜନ ଜେନା, ପ୍ରଭାକର ମହାପାତ୍ର ପ୍ରମୁଖ ନେତୃତ୍ୱମାନେ ଦାବି ସମ୍ପର୍କରେ ଉଦ୍‌ବୋଧନ ଦେଇଥିବା ବେଳେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

# ମାରାଥନରେ ଭାଗନେଇ ଚର୍ଚ୍ଚାରେ ନାରାୟଣ

ଜଳେଶ୍ୱର, ୪।୧୧(ନବୀନ ସାହୁ)




ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଆରୁହା ଗ୍ରାମର ନରୋତ୍ତମ କୁଣ୍ଡୁଙ୍କ ପୁଅ ନାରାୟଣ ଭୁବନେଶ୍ୱରସ୍ଥିତ ଏକ ଘରୋଇ କମ୍ପାନୀରେ ଚାକିରି କରିବା ସହିତ ମାରାଥନ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଖ୍ୟାତି ଅର୍ଜନ କରିବାରେ ଲାଗିଛନ୍ତି। ସେ ୨୦୨୩ ଫେବୃଆରୀରେ ମାରାଥନ ଦୌଡ଼ ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ ୧୦ଟି ୪୨ କି.ମି., ୧୩ଟି ୨୨କି.ମି., ଗୋଟିଏ ୨୫ କି.ମି., ଗୋଟିଏ ୩୨ କି.ମି., ୫ ଦିନରେ ୧୦୦ କି.ମି., ୮ଟି ୧୦ କି.ମି. ଏବଂ ଗୋଟିଏ ଆଲଟ୍ରା ବେକିୟାଡ଼ରେ ଲଗାତାର ୭ ଘଣ୍ଟା ଦୌଡ଼ି କୃତିତ୍ୱ ହାସଲ କରି ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ଅକ୍ଟୋବର ୬ ତାରିଖରେ ସାରା ଭାରତ ବର୍ଷରୁ ଭାଇଜାକ୍ ଜୋ ମାରାଥନରେ ୨୧କି.ମି.କୁ ୧ଘଣ୍ଟା ୪୨ମିନିଟ୍‌ରେ ଦୌଡ଼ ଶେଷ କରି ତୃତୀୟ ସ୍ଥାନରେ ପହଞ୍ଚି ଯୁବ ଗୋଷ୍ଠୀମାନଙ୍କ ଲାଗି ଉଦାହରଣ ପାଲଟିଛନ୍ତି। ପୁଣି ଅକ୍ଟୋବର ୩୦ ତାରିଖରେ ଦିଲ୍ଲୀ ବେଦାନ୍ତ ହାଫ ମାରାଥନରେ ୨୧ କି.ମି.କୁ ୧ ଘଣ୍ଟା ୩୪ ମିନିଟରେ ଦୌଡ଼ ଶେଷ କରି ଆଉ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ମାରାଥନ୍‌ରେ ସାରାବିଶ୍ୱରୁ ୪୦ହଜାର ଦୌଡ଼ାଳି ଭାଗ ନେଇଥିଲେ। ତାଙ୍କର ବୟସ ଅନୁଯାୟୀ ୪୮ ନମ୍ବର ର୍ୟାଙ୍କରେ ଆସି ଆଉ ଏକ ଉଦାହରଣ ପାଲଟିଛନ୍ତି।

# ଭାଜପାର ସଙ୍ଗଠନ ପର୍ବ ନେଇ ଜିଲାସ୍ତରୀୟ କର୍ମଶାଳା

## ୧୩ରୁ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା

ବାଲେଶ୍ୱର, ୪।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ ସିଦ୍ଧି କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଭାଜପାର ସଙ୍ଗଠନ ପର୍ବ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ସଦସ୍ୟତା, ସକ୍ରିୟ ସଦସ୍ୟତା ଓ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଉପରେ ପର୍ଯ୍ୟବେଶିତ ଏହି କର୍ମଶାଳାରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ।

ମୁଖ୍ୟବକ୍ତା ଭାବେ ଏମ୍‌ପି ତଥା ରାଜ୍ୟ ଭାଜପା ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆସନ୍ତା ନଭେମ୍ବର ୧୩ ତାରିଖରୁ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ସହିତ ଜିଲା ଭାଜପାରେ ଆଦର୍ଶ ଆଚରଣବିଧି ଲାଗୁ ହେବ ବୋଲି କହିଥିଲେ। ମୁଖ୍ୟଅତିଥି ଜିଲା ଭାଜପା ମୁଖ୍ୟନିର୍ବାଚନ ଅଧିକାରୀ ନିହାର ରଞ୍ଜନ ମୋଦି ଯୋଗଦେଇ ସଙ୍ଗଠନ ପର୍ବ କର୍ମଶାଳା ବିବରଣୀ ଓ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜିଲା ସଦସ୍ୟତା ପ୍ରମୁଖ କମଳଲୋଚନ ଦାସ ପ୍ରାଥମିକ ସଦସ୍ୟତାର ବିବରଣୀ ପାଠ କରିଥିଲେ। ଜିଲା ସକ୍ରିୟ ସଦସ୍ୟତା ପ୍ରମୁଖ


କର୍ମଶାଳାକୁ ଏମ୍‌ପି ଉଦ୍‌ଘାଟନ କରୁଛନ୍ତି।

ପର୍ଶୁରାମ ପରିଡ଼ା ସକ୍ରିୟ ସଦସ୍ୟତାର ବିବରଣୀ ପାଠ କରିଥିଲେ। ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଅନଲାଇନ୍ ଓ ମୋବାଇଲ ଆପ୍ଲିକେଶନ ଜରିଆରେ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ବିଷୟକ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ ଜିଲା ନିର୍ବାଚନ ସହ ଅଧିକାରୀ ଭାବେ ଶୁଭଙ୍କର ମହାପାତ୍ର ଓ ଆଶିଷ ଘୋଷ ଏବଂ ୫୦ ମଣ୍ଡଳର ନିର୍ବାଚନ ଅଧିକାରୀଙ୍କ ନାମ ଘୋଷଣା କରିଥିଲେ। ଜିଲା ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଧାୟକ ମାନସ କୁମାର ଦତ୍ତ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ବସ୍ତାର ରବିନ୍ଦ୍ର ଅଣ୍ଡିଆ, ଜଳେଶ୍ୱରର ବ୍ରଜମୋହନ ପ୍ରଧାନ, ଭୋଗରାଇର ଆଶିଷ ପାତ୍ର ଓ ସୋର ଅଞ୍ଚଳର ପର୍ଶୁରାମ ଧଡ଼ା ମଞ୍ଚାସୀନ ଥିଲେ।

# ଡାକ୍ତରଖାନା ସମ୍ମୁଖରେ ଯୁବକଙ୍କ ରାସ୍ତାରୋକୋ

ସୋର, ୪।୧୧ (ଜନ୍ମେଜୟ ମିଶ୍ର): ସୋର ଡାକ୍ତରଖାନାରେ ରୋଗୀଙ୍କ ସମ୍ପର୍କୀୟ ଓ ସଫେଇ କର୍ମଚାରୀଙ୍କ ଧସ୍ତାଧସ୍ତି ଘଟଣାରେ ସୋମବାର ଏକ ନୂଆମୋଡ ଦେଖିବାକୁ ମିଳିଛି। ସମ୍ପୃକ୍ତ ଯୁବକଜଣଙ୍କ ସୋର ଡାକ୍ତରଖାନା ସମ୍ମୁଖ ରାସ୍ତାରେ ଶୋଇ ରାସ୍ତାରୋକୋ କରିଥିଲେ। ଗତ ୩୧ତାରିଖରୁ ଜୁଣିଆ ଗ୍ରାମର ପ୍ରଶାନ୍ତ ଦାସ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାସ ୩ ମାସର ପୁଅର ଦେହ ଅସୁସ୍ଥ ଥିବାରୁ ସୋର ଡାକ୍ତରଖାନାରେ ଥିଲେ। ଜଣେ ମହିଳା ସଫେଇ କର୍ମଚାରୀ କ୍ୟାବିନ ସଫା କରିବାକୁ ଯାଇଥିବା ବେଳେ କ୍ୟାବିନ ଅପରିଷ୍କାର ଥିବାରୁ ଏବଂ ଅନ୍ୟ ଏକ ଗଦି କାଢି ତଳେ ପକାଇଥିବାରୁ ତାଙ୍କୁ ବାରଣ କରିଥିଲେ। ପରେ ପ୍ରଶାନ୍ତ ଉକ୍ତ ମହିଳାଙ୍କ ସଫେଇ କରୁଥିବା ସମୟର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିବାରୁ ମହିଳା ଜଣଙ୍କ ତାଙ୍କୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ଓ ଧସ୍ତାଧସ୍ତି ହୋଇଥିଲା। ଏନେଇ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସୋମବାର ଅପରାହ୍ନରେ ପ୍ରଶାନ୍ତ ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମଚାରୀଙ୍କ ଇସ୍ତଫା ଦାବିରେ ଡାକ୍ତରଖାନା ସମ୍ମୁଖ ରାସ୍ତାରେ ଶୋଇବା ସହିତ ରାସ୍ତାରୋକୋ କରିଥିଲେ। ଏପରିକି ଆମ୍ବୁଲାନ୍ସ ମଧ୍ୟ ଯାଇପାରି ନ ଥିଲା। ଘଟଣାସ୍ଥଳକୁ ସୋର ପୋଲିସ ଓ ବିଧାୟକ ମାଧବ ଧଡା ପହଞ୍ଚି ଯୁବକଙ୍କୁ ବୁଝାଶୁଝା କରିବା ସହିତ ଡାକ୍ତରଖାନା ଅଧୀକ୍ଷକ ସତ୍ୟନାରାୟଣ ନାୟକଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ସେଠାରେ ମଧ୍ୟ ଯୁବକଜଣଙ୍କ ଡ୍ରାମା କରିବା ସହିତ ମହିଳା ସଫେଇ କର୍ମଚାରୀ ତାଙ୍କ ଗୋଡ ଧରି କ୍ଷମା ମାଗିବେ ଓ ସେ ଏହାକୁ ଭିଡିଓ ଉତ୍ତୋଳନ କରି ୟୁଟ୍ୟୁବରେ ଛାଡିବେ ବୋଲି କହିଥିଲେ। ଫଳରେ ବିଧାୟକ ଏବଂ ଡାକ୍ତରଖାନା ଅଧୀକ୍ଷକ ସେଠାରୁ ଚାଲିଯାଇଥିଲେ। ଏହାର କୌଣସି ସମାଧାନ ହୋଇ ନ ଥିବା ଜଣାପଡିଛି।

# ଜଳଙ୍ଗ ଟ୍ରଷ୍ଟବୋର୍ଡ ପକ୍ଷରୁ ଶୁଭମଙ୍କୁ ସମ୍ବର୍ଦ୍ଧନା

ଖଇରା, ୪।୧୧(ଉତ୍କଳବନ୍ଧୁ ପଣ୍ଡା)

## ଓଡିଶା ପ୍ରଶାସନିକ ସେବାରେ ସଫଳତା

ଓଡିଶା ପ୍ରଶାସନିକ ସେବାରେ ୬୯ ର୍ୟାଙ୍କ ରଖି ସଫଳତା ଲାଭ କରିଥିବା ମାଣିତ୍ରୀ ପଞ୍ଚାୟତ ସାଲୋ ଗ୍ରାମର ଶୁଭମ ଦାସଙ୍କୁ ସମ୍ବର୍ଦ୍ଧନାର ପର୍ବ ଜାରି ରହିଛି। ଶନିବାର ଗାଁ ମାଟି ଭାବେ ଜଳଙ୍ଗ ଚଣ୍ଡି ଟ୍ରଷ୍ଟ ଓ ଜଳଙ୍ଗ ଉଚ୍ଚ ବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଟ୍ରଷ୍ଟ ବୋର୍ଡ ଅଧକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମସ୍ତ ସଭ୍ୟ ଉପସ୍ଥିତ ରହି ଶୁଭମଙ୍କ ପାଇଁ ଖଇରା ମାଟି ଗର୍ବିତ ବୋଲି କହିଥିଲେ। ପରେ ତାଙ୍କୁ ମାନପତ୍ର ଓ ଚେକ୍ ପ୍ରଦାନ କରାଯାଇଥିଲା। ସେହିଭଳି ଜଳଙ୍ଗ ହାଇସ୍କୁଲରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଇଓ ଗଦାଧର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭମଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଶୁଭମ ଖଇରା ବ୍ଲକ କଂଗ୍ରେସ ସଭାପତି ତଥା ପୁରୁଖା ରାଜନେତା ଶରତ ଦାସଙ୍କ କନିଷ୍ଠପୁତ୍ର।


ଜଳଙ୍ଗ ଟ୍ରଷ୍ଟ ପକ୍ଷରୁ ଶୁଭମଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରେଲୱେ ସ୍ଥାନରୁ ହଟିବ ଶହେରୁ ଉର୍ଦ୍ଧ୍ୱ ଦୋକାନ

## ଦୋକାନ ଶୂନ୍ୟ ହେବ ବସ୍ତା ବଜାର

ବସ୍ତା, ୪।୧୧(ହରିଶଙ୍କର ପାଢ଼ି)-ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ରେଳବାଇ ଅଧିକୃତ ସ୍ଥାନରୁ ଉଚ୍ଛେଦ ପ୍ରକ୍ରିୟା। ରେଳବାଇ ଅଧିକୃତ ଶହେରୁ ଉର୍ଦ୍ଧ୍ୱ ଦୋକାନୀଙ୍କୁ ସୋମବାର ସନ୍ଧ୍ୟା ସୁଦ୍ଧା ଖାଲି କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ରବିବାର କହିଯାଇଥିବା ବେଳେ ମଙ୍ଗଳବାର ସମସ୍ତ ଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ତେବେ ଦୀର୍ଘ ବର୍ଷ ଧରି କିଛି ଉଠା ଦୋକାନୀ ନିଜ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ କ୍ୟାବିନ ଏବଂ ଦୋକାନ ଗୃହ ନିର୍ମାଣ କରିଥିଲେ। କିଛି ଲୋକ ରେଳବାଇଠାରୁ ଲିଜ୍ ସୂତ୍ରରେ ମଧ୍ୟ ସ୍ଥାନ ଅଧିଗ୍ରହଣ କରି ସେଥିରେ ଦୋକାନ ଗୃହ ନିର୍ମାଣ କରିଥିଲେ। ଇତିମଧ୍ୟରେ କୌଣସି ଲିଜ୍‌ଧାରୀଙ୍କର ରେଳବାଇ ପକ୍ଷରୁ ୩ବର୍ଷ ଧରି ନବୀକରଣ କରାଯାଇନାହିଁ। ତୃତୀୟ ରେଳ ଧାରଣା ନିର୍ମାଣ ସକାଶ ଦୋକାନୀମାନଙ୍କୁ ବାରମ୍ବାର ଖାଲି କରିବା ପାଇଁ କହିବା ପରେ ୧୫ ଦିନ ପୂର୍ବରୁ ଅକ୍ଟୋବର ୩୦ ସୁଦ୍ଧା ସମସ୍ତେ ଖାଲି କରିବା ପାଇଁ ଶେଷ ନୋଟିସ୍ ଜାରି କରିଥିଲେ। ମଙ୍ଗଳବାର ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ବୋଲି ରେଳବାଇ ପକ୍ଷରୁ ଜଣାଯାଇଛି। ତେବେ କିଛି କିଛି ଗୋଦାମ ଗୃହ, ଦୋକାନ ଗୃହ ଏବେ ମଧ୍ୟ ବିନା ଦ୍ୱିଧାରେ ଚାଲିଥିବା ବେଳେ ସେମାନଙ୍କୁ ନୋଟିସ ମଧ୍ୟ ଜାରି କରାଯାଇ ନ ଥିବା ଜଣାଯାଇଛି। ସେମାନଙ୍କର ଉଚ୍ଛେଦ କାହିଁକି କରାଯାଉନାହିଁ ସେନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବସ୍ତା ତହସିଲଦାର ସମସ୍ତ ସରକାରୀ ସ୍ଥାନରୁ ଖାଲି କରିବା ପାଇଁ ନୋଟିସ ଜାରି କରିଥିବା ବେଳେ କାଳୀ ପୂଜା ପରେ ଖାଲି କରିବା ପାଇଁ ଦୋକାନୀମାନଙ୍କୁ ସମୟ ଦିଆଯାଇଥିଲା। ତେଣୁ ଖୁବ୍‌ଶୀଘ୍ର ସେଗୁଡ଼ିକ ମଧ୍ୟ ଖାଲି ହୋଇଯାଇପାରେ। ଏପରି ହେଲେ ସମଗ୍ର ବସ୍ତା ବଜାର ଦୋକାନ ଶୂନ୍ୟ ହୋଇଯିବାର ସମ୍ଭାବନା ଦେଖାଦେଇଛି।

# ଜନ ସମ୍ପର୍କ ପଦଯାତ୍ରା ଉଦ୍‌ଯାପନୀ ସମାରୋହ

ଜଳେଶ୍ୱର, ୪।୧୧
(ନବୀନ ସାହୁ/ରବିନାରାୟଣ ପାତ୍ର)

ଜଳେଶ୍ୱର ପୌରପାଳିକା ବାସନ୍ତୀ ପଡ଼ିଆରେ ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ପ୍ରଥମେ ଜଳେଶ୍ୱର ଷ୍ଟେଶନ ବଜାରଠାରୁ ବାହାରି ବାସନ୍ତୀ ପଡ଼ିଆରେ ପହଞ୍ଚିଥିଲା ଏବଂ ବାସନ୍ତୀ ପଡ଼ିଆଠାରେ ଏକ ସଭା ଆୟୋଜନ ହୋଇଥିଲା। ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପ୍ରତୀପ ପ୍ରଧାନ ସଭାରେ ମଞ୍ଚ ପରିଚାଳନା କରିଥିଲେ। ସୁରଜିତ ଘୋଷ ସଭାପତିତ୍ୱ କରିଥିବା ବେଳେ ବ୍ଲକ ସଭାପତି ଦିଲୀପ ସାମଲ ଉପସ୍ଥିତ ଥିଲେ। ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଜେଡି ମୁଖପାତ୍ର ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ମୁଖପାତ୍ର ଦେବୀପ୍ରସାଦ ମିଶ୍ର, ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡିର ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝି, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସଞ୍ଜିତା ସେନାପତି, ସମବାୟବିତ୍ ତପନ ଦାସ, ବ୍ରିଜେଶ ରଣାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ୬ ମାସର ଭାଜପା ସରକାରଙ୍କୁ ବିଭିନ୍ନ ଯୋଜନା ବାବଦରେ ସମାଲୋଚନା କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ସୋର, ୪।୧୧(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଜଡିଦା ନରେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ପ୍ରସାଦ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କୃପାସିନ୍ଧୁ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୋର ବିଡିଓ ସତ୍ୟନାଥ ନାୟକ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଦ. ବନମାଳୀ ବେହେରା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜୋନ ମାଧ୍ୟମିକ ବ୍ଲକ ଗ୍ରାଣ୍ଟ ଶିକ୍ଷା ସଂଘ ସଭାପତି ଭାଗବତ ମହାନ୍ତି, ସୋର ଓଷ୍ଟା ସଭାପତି ରାମଚନ୍ଦ୍ର ପୃଷ୍ଟି, ସମ୍ପାଦକ ବଳରାମ ସ, ଜଡିଦା ୟୁଜିଏମଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ର, ସରପଞ୍ଚ ସୁଲୋଚନା ବେହେରା, ସମିତିସଭ୍ୟା ଗୌରୀ ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ନାୟକଙ୍କ ଶିକ୍ଷାଦାନ, ଛାତ୍ରବତ୍ସଳତା ଏବଂ କାର୍ଯ୍ୟଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପ୍ରାକ୍ତନ ଛାତ୍ରୀଛାତ୍ର, ବର୍ତ୍ତମାନର ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟାସଦସ୍ୟମାନେ ପ୍ରଧାନ ଶିକ୍ଷକଙ୍କ ଶିକ୍ଷାଦାନ ଓ ଅନୁଭୂତି ସମ୍ବନ୍ଧରେ ଆଲୋଚନା କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ନାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଆରମ୍ଭରେ ସୁଶାନ୍ତ ସାହୁ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବୀନଚରଣ ଖିଲାର ସ୍ୱାଗତ ଭାଷଣ ଦେଇଥିଲେ। ମାଣିପୁର କ୍ଲଷ୍ଟର ସିଆରସିସି ଲକ୍ଷ୍ମୀଧର ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର ନନ୍ଦ ବ୍ରହ୍ମଚାରୀ ମନ୍ତ୍ରପାଠ କରିଥିଲେ। ବିଦ୍ୟାଳୟ କୁନି କୁନି ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଶେଷରେ ମଦନ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

# ବାଲେଶ୍ୱରରେ ଅତିରିକ୍ତ ରିଡିଂ ରୁମ୍ ଉଦ୍‌ଘାଟିତ

## ଅର୍ଥନୈତିକ ଅଭିବୃଦ୍ଧିରେ ସିଏଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଲେଶ୍ୱର, ୪।୧୧(ବାଞ୍ଛାନିଧି ଦେ)



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ କର୍ମକର୍ତ୍ତା।

ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ ଇଣ୍ଡିଆ (ଆଇସିଏଆଇ)ର ପୂର୍ବ ଭାରତ କ୍ଷେତ୍ରୀୟ ପରିଷଦ ଅଧୀନ ବାଲେଶ୍ୱର ସିପିଇ ଚାପ୍ଟର ପକ୍ଷରୁ ଚାଟାର୍ଡ ଆକାଉଣ୍ଟାଣ୍ଟ(ସିଏ) ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଅନୁଭୂତି ବୃଦ୍ଧି ନିମନ୍ତେ ଏକ ଅତିରିକ୍ତ ରିଡିଂ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ପ୍ରସ୍ତୁତ ଏହି ରିଡିଂ ରୁମକୁ ମୁଖ୍ୟଅତିଥି ଆଇସିଏଆଇର ସଭାପତି ସିଏ ରଞ୍ଜିତ କୁମାର ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଏହା ସିଏ ପରୀକ୍ଷା ପ୍ରସ୍ତୁତିରେ ଛାତ୍ରୀଛାତ୍ରଙ୍କୁ ଅନ୍ୱେଷଣାତ୍ମକ ଶିକ୍ଷାଗ୍ରହଣ ପାଇଁ ଏକ ବିସ୍ତାରିତ ଭିତ୍ତିଭୂମି ପ୍ରଦାନ କରିବ। ପାଠ୍ୟକ୍ରମକୁ ସରଳ ଓ ସହଜ କରିବା ଉଦ୍ଦେଶ୍ୟରେ ଏଭଳି ରିଡିଂ ରୁମ୍ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସିଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବ ଭାରତ କ୍ଷେତ୍ରୀୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ସିଏ ଦେବାୟନ ପାତ୍ର ଯୋଗଦେଇ ଅତିରିକ୍ତ ରିଡିଂ ରୁମ୍‌ରେ ପୁସ୍ତକ ଓ ପତ୍ରିକାର ଏକ ବୃହତ୍ ସଂଗ୍ରହ ସହିତ ଡିଜିଟାଲ ସଂଶାଧନ ରହିଛି। ଏହି ରିଡିଂ ରୁମ୍‌ରେ ଛାତ୍ରୀଛାତ୍ରଙ୍କୁ ଗବେଷଣା ପାଠ୍ୟକ୍ରମ ପାଇଁ ସହଜ ଓ ପ୍ରବାହମାନ ଶୈକ୍ଷିକ ପରିବେଶ ସହିତ ଉତ୍କୃଷ୍ଟତା ପ୍ରତିପାଦନ ପାଇଁ ସୁଯୋଗ ମିଳିବ ବୋଲି କହିଥିଲେ।

ଏହି ଉତ୍ସବରେ ସିଏ ପ୍ରଦୀପ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ (ବିସିଆଇସି)ର ଅଧ୍ୟକ୍ଷ ସଞ୍ଜୟ ଦାସ, ଉତ୍ତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି)ର ଅଧ୍ୟକ୍ଷ ପ୍ରଜୟ କୁମାର ଡାଭେ, ଭାରତୀୟ ଉଦ୍ୟୋଗ ମହାସଂଘ (ସିଆଇଆଇ)ର ବାଲେଶ୍ୱର ଚାପ୍ଟର ଉପସଭାପତି ଶାନ୍ତନୁ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। ବାଲେଶ୍ୱର ସିପିଇ ଚାପ୍ଟର ଆବାହକ ସିଏ କମଲେଶ ପାଲା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଇଂ. ସୌରଭ ବେହେରା, ଫକୀରମୋହନ କଲେଜର ଅଧ୍ୟକ୍ଷ ଡ. ଦିଲୀପ ଘୋଷ ଓ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଅମିତ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ଆବାହକ ସିଏ ସୁଶାନ୍ତ କୁମାର ମଣ୍ଡଳ ଧନ୍ୟବାଦ ଦେଇଥିଲେ।

